## ଘର ଭିତରୁ ୨ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା କାଳୀମନ୍ଦିର ପଡ଼ାରେ ଶୁକ୍ରବାର ମଧାହ୍ନରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ତାଙ୍କ ନାମ ସୁଶାନ୍ତ ସାହୁ (୨୩)। ସୁଶାନ୍ତ ଏକ ହୋଟେଲରେ ମିସ୍ତ୍ରୀ ଭାବେ କାମ କରୁଥିବା ବେଳେ ସେ ଗତ ଏପ୍ରିଲରେ ବିବାହ କରିଥିଲେ। ସେହିପରି ସହରର ଧୋବାପଡ଼ାରେ ମଧ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ନାମ ରାଜ୍ଜୁ ସେଠି(୨୯)। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି ।

## ସଂକ୍ଷେପରେ

### ଟ୍ରାକ୍ଟର ତଳେ ଚାପି ହୋଇ ଚାଳକ ମୃତ

ବୌଦ୍ଧ,୧୭(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଶଙ୍ଖୁଲୋଇ ପଞ୍ଚାୟତର ଶଙ୍ଖୁଲୋଇଠାରେ ଟ୍ରାକ୍ଟର ତଳେ ଚାପି ହୋଇ ଚାଳକଙ୍କ ମୃତ୍ୟୁ ହୋଇଛି। ଶୁକ୍ରବାର ସକାଳୁ ହରିହରପୁର ଗ୍ରାମର ସୁବାସ ପ୍ରଧାନ (୪୦) ବିଲରେ ହଳ କରିବାକୁ ଟ୍ରାକ୍ଟର ନେଇ ଯାଉଥିବାବେଳେ ଶଙ୍ଖୁଲୋଇ ଉଚ୍ଚ ବିଦ୍ୟାଳୟ ନିକଟରେ ଭାରସାମ୍ୟ ହରାଇ ଟ୍ରାକ୍ଟର ରାସ୍ତା ତଳକୁ ଖସିପଡ଼ିଥିଲା। ଟ୍ରାକ୍ଟର ଖସି ଓଲଟି ପଡିବା ଫଳରେ ସୁବାସ ଗାଡ଼ି ତଳେ ଚାପି ହୋଇଯାଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ହରଭଙ୍ଗା ଦମକଳ ବାହିନୀ ଦ୍ୱାରା ଚିକିତ୍ସା ପାଇଁ ପୁରୁଣାକଟକ ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ହରଭଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ସ୍ତ୍ରୀ ମୃତ୍ୟୁ ଘଟଣା: ସ୍ୱାମୀ, ଶାଶୁ କୋର୍ଟ ଚାଲାଣ

ବୌଦ୍ଧ,୧୭(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ମହାଲିକପଡା ପଞ୍ଚାୟତର ତଇଲାସାହି ଗ୍ରାମରେ ସ୍ତ୍ରୀ ମୃତ୍ୟୁ ଘଟଣାରେ ଶୁକ୍ରବାର ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। କନ୍ଧମାଳ ଜିଲା ଖଜୁରୀପଡା ଥାନାର ବାରିହାଗୁଡା ଗ୍ରାମର ପ୍ରଶାନ୍ତ କୁମାର ସାହୁଙ୍କ ଝିଅ ମଧୁସ୍ମିତା ସାହୁଙ୍କୁ ବୌଦ୍ଧ ଜିଲା ହରଭଙ୍ଗା ଥାନାର ତଇଲାସାହିର ସୁମନ୍ତ ସାହୁଙ୍କ ବଡ଼ପୁଅ ପ୍ରଭାତ ଗତ ୨୧।୬।୨୦୨୨ ରିଖରେ ବିବାହ କରିଥିଲେ। କିନ୍ତୁ ଗତ ୨୯।୬।୨୦୨୨ ଅପରାହ୍ନରେ ମୃତ୍ୟୁ ଘଟିଥିଲା। ମଧୁସ୍ମିତାଙ୍କ ଶାଶୁ ଘର ଲୋକଙ୍କ କହିବା ଅନୁସାରେ ମଧୁସ୍ମିତା ଆତ୍ମହତ୍ୟା କରିଛନ୍ତି। କିନ୍ତୁ ବାପ ଘର ପକ୍ଷରୁ ମଧୁସ୍ମିତାଙ୍କୁ ମାରିଦିଆଯାଇଥିବା ନେଇ ହରଭଙ୍ଗା ଥାନାରେ ଗତ ଗୁରୁବାର ଅଭିଯୋଗ କରିଥିଲେ। ଅଭିଯୋଗ ପରେ ହରଭଙ୍ଗା ଥାନା ପକ୍ଷରୁ ଏକହତ୍ୟା ମାମଲା (ନଂ. ୫୨/୨୨) ରୁଜୁ କରାଯାଇଛି। ଶୁକ୍ରବାର ହରଭଙ୍ଗା ପୋଲିସ ପକ୍ଷରୁ ସ୍ୱାମୀ ପ୍ରଭାତ ଓ ଶାଶୁ ସୁବାସିନୀ ସାହୁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ପ୍ରାଣୀ ଚିକିତ୍ସା ଶିବିର

ଡୁଙ୍ଗୁରିପାଲି,୧୭ (ଡ଼ି .ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅଇଁଳାସାରୀ ଭଜନ ମଣ୍ଡଳୀଠାରେ ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ସୁବର୍ଣ୍ଣପୁର ଜିଲା ସତ୍ୟସାଇ ସେବା ସଂଗଠନ ତରଫରୁ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରାୟ ୧୦୦ଟି ଗୋରୁଗାଈଙ୍କୁ ଫାଟୁଆ ରୋଗର ଟୀକା ଦିଆଯିବା ସହ କୃମି, ଘାଆ, ହଜମି ଓ ବିଭିନ୍ନ ପ୍ରକାର ଔଷଧ ବଣ୍ଟନ କରାଯାଇଥିଲା । ଡୁଙ୍ଗୁରିପାଲି ଗୋଷ୍ଠୀ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଡ଼.ତେଜରାଜ ବାଗ,ଦୟାସାଗର ମେହେର, ବଜରଙ୍ଗ ପଧାନ ଚିକିତ୍ସା କରିଥିଲେ । ଜିଲା ସେବା ସଂଯୋଜକ ଶ୍ରୀବତ୍ସ ପାଣ୍ଡେ, ଜିଲା ପ୍ରାଣୀ ଚିକିତ୍ସା ସଂଯୋଜକ ତହସିଲ ଗଡତିଆ ଯୋଗଦେଇ ପ୍ରାଣୀଙ୍କ ସେବା କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଲଳିତ ପଧାନ,ସନ୍ତୋଷ ପଧାନ, ନେପାଳ ଗଡତିଆ, ଚଉବନ ବରିହା, ପ୍ରଦେଶୀ ସାହୁ, ପ୍ରଦୀପ ସାହୁ, ଗୋବିନ୍ଦ ପୁରୋହିତ, ନରେନ୍ଦ୍ର ପୁରୋହିତ, ଜାଗେଶ୍ୱର ନାଏକ, ସନତ ସହଯୋଗ କରିଥିଲେ । ଭଜନ ମଣ୍ଡଳୀ ସେବା ସଂଯୋଜକ ସୁରେଶ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

### ବୌଦ୍ଧ ରଥଯାତ୍ରାରେ ମୋବାଇଲ, ମନିପର୍ସ ଚୋରି

ବୌଦ୍ଧ,୧୭(ସ୍ୱ.ପ୍ର.): ବୌଦ୍ଧ ରଥଯାତ୍ରା ଏକ ପ୍ରସିଦ୍ଧ ରଥଯାତ୍ରା ହୋଇଥିବା ବେଳେ ଶୁକ୍ରବାର ରଥଯାତ୍ରା ପାଇଁ ବୌଦ୍ଧ ସହରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ରଥଯାତ୍ରା ପାଇଁ ବୌଦ୍ଧ ସହର ଜନସମୁଦ୍ର ପାଲଟିଥିଲା। ଏହାର ସୁଯୋଗ ନେଇ କିଛି ଚୋର ମୋବାଇଲ ଓ ମନିପର୍ସ ଲୁଟିଥିବା ନେଇ ଜଣାପଡିଛି। ରଥଯାତ୍ରା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ ମଧ୍ୟ କିନ୍ତୁ ଚୋରମାନେ ଏହାକୁ ଖାତିର କରି ନ ଥିଲେ। ପ୍ରବଳ ମାତ୍ରାରେ ଗହଳି ଥିବାରୁ ଏହାର ସୁଯୋଗ ନେଇ ଲୁଟିଥିଲେ। ଏହି ଲୁଟର ଶିକାର ହୋଇଛନ୍ତି ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି। ସେ ତାଙ୍କ ନାତୁଣୀଙ୍କୁ ରଥ ଛୁଇଁବାକୁ ନେଉଥିବା ବେଳେ ତାଙ୍କର ମୋବାଇଲକୁ ଲୁଟି ନେଇଥିଲେ। ସେହିପରି ଜିଲା ଉନ୍ନୟନ ପରିଷଦର ସଭାପତିଙ୍କ ମନିପର୍ସ ମଧ୍ୟ ଲୁଟ ହୋଇଥିବା ଜଣାପଡିଛି।


ପୋଲିସ ଗାଡି ଧକ୍କାରେ ଆହତଙ୍କୁ ଭବାନୀପାଟଣା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି।


ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

# ୨ ପୃଥକ୍ ଦୁର୍ଘଟଣାରେ ୨ ମୃତ

ଭବାନୀପାଟଣା/କୋକସରା, ୧୭(ସ୍ୱ.ପ୍ର./ଡି.ଏନ.ଏ.)

- ପୋଲିସ ଗାଡ଼ି ଧକ୍କାରେ ମହିଳାଙ୍କ ଜୀବନ ଚାଲିଗଲା
- ବାପା, ଝିଅ ଗୁରୁତର
- ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ବାଇକ୍ ଆରୋହୀ ମୃତ
- କ୍ଷତିପୂରଣ ଦାବିରେ ରାସ୍ତାରୋକୋ

କଳାହାଣ୍ଡି ଜିଲାରେ ଶୁକ୍ରବାର ୨ ପୃଥକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଭବାନୀପାଟଣା ବ୍ଲକ କନ୍ଦବାନ୍ଦୋପଲା ଗ୍ରାମର ରତ୍ନାକର ମାଝି (୨୩) ଏବଂ କୋକସରା ବ୍ଲକ ଆମପାଣି ପଞ୍ଚାୟତ କନ୍ଦାଗଡ଼ର କିଆଁ ମାଝି (୪୧)। ସୂଚନା ଅନୁଯାୟୀ, ଅପରାହ୍ନରେ ଭବାନୀପାଟଣାରୁ ରତ୍ନାକର ବାଇକ୍‌ରେ ଘରକୁ ଆସୁଥିଲେ। ରିଷଗାଁଠାରେ ଏକ ପିକ୍‌ଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଗାଡ଼ି ଡ୍ରାଇଭର ଫେରାର ହୋଇଥିଲେ। ପରିବାର ଲୋକେ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ସଦର ଥାନା ଆଇଆଇସି ରଶ୍ମିତା ପ୍ରଧାନ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସମାଧାନ ହୋଇପାରି ନ ଥିଲା। ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ ସହାୟତା ଓ ଦୁର୍ଘଟଣା ଘଟାଇଥିବା ଗାଡି ମାଲିକ କ୍ଷତିପୂରଣ ଦେବା ପ୍ରତିଶ୍ରୁତି ପରେ ସନ୍ଧ୍ୟା ସାଢେ ୭ରେ ରାସ୍ତାରୋକୋ ହଟିଥିଲା। ସେହିପରି କୋକସରା ବ୍ଲକ ଆମପାଣି ପଞ୍ଚାୟତ କନ୍ଦାଗଡ଼ ଗାଁର କୃଷ୍ଣଚନ୍ଦ୍ର ମାଝି (୪୫), ସ୍ତ୍ରୀ କିଆଁ ଓ ଝିଅ ନମିତା ମାଝି (୧୧) ଏକ ବାଇକ୍ (ଓଡି୦୮ଏନ୍-୫୪୬୮) ଯୋଗେ ବଡ଼ଝିଅ ଗାଁ ଭୁର୍ଷାଗୁଡାକୁ ଯାଉଥିଲେ। ଗୋଟୋମୁଣ୍ଡାରୁ ଆଇଆରବି ଯବାନଙ୍କୁ ରଥଯାତ୍ରା ଡ୍ୟୁଟିରେ ଛାଡି ଫେରୁଥିବା ଆମପାଣି ପୋଲିସ ଗାଡି (ନଂ.ଓଡି୦୫ୱାଇ-୪୮୮୧) ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ୍‌ରୁ ୩ଜଣ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ୩ଜଣଙ୍କୁ ପୋଲିସ ଗାଡିରେ କୋକସରା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କିଆଁଙ୍କ ମୃତ୍ୟୁ ଘଟିଛି। ଗୁରୁତର ବାପା ଓ ଝିଅକୁ ଆମ୍ବୁଲାନ୍ସରେ ଭବାନୀପାଟଣା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଓ ଗ୍ରାମବାସୀ ମୃତଦେହ ଆମପାଣି ଥାନା ସମ୍ମୁଖ ଜାତୀୟ ରାଜପଥ ୨୬ରେ ରଖି ଅବରୋଧ କରିଥିଲେ। ଦୁର୍ଘଟଣା ଘଟାଇଥିବା ପୋଲିସ ଗାଡ଼ି ଡ୍ରାଇଭରଙ୍କୁ ଗିରଫ, ୧୦ ଲକ୍ଷ କ୍ଷତିପୂରଣ ସହ ଗୁରୁତର ବାପା, ଝିଅର ସମସ୍ତ ଚିକିତ୍ସା ଖର୍ଚ୍ଚ ପୋଲିସ ବିଭାଗ ବହନ କରିବା ଦାବିରେ ସନ୍ଧ୍ୟା ୬ଟାରୁ ବସି ରହିଛନ୍ତି। ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାର, କୋକସରା ଅତିରିକ୍ତ ତହସିଲଦାର କମଳାସନ ରଥଙ୍କ ସମେତ କୋକସରା ଥାନାଧିକାରୀ, ଆମପାଣି ଥାନାଧିକାରୀ ପହଞ୍ଚି ପରିବାରବର୍ଗ ଓ ଗ୍ରାମବାସୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ। ଏ ନେଇ ଥାନାରେ ଏକ ମାମଲା (ନଂ.୬୭.୨୨) ରୁଜୁ ହୋଇଛି। ଉଭୟ ସ୍ଥାନରେ ରାସ୍ତା ଅବରୋଧ ଫଳରେ ଯାତାୟାତ ପ୍ରଭାବିତ ହୋଇଛି।

## ଏସ୍‌ଏଚ୍‌ଜି ମହିଳାଙ୍କୁ ଉତ୍ସାହିତ କଲେ ଜିଲାପାଳ

ସମ୍ବଲପୁର,୧୭(ବ୍ୟୁରୋ)

ରଥଯାତ୍ରା ପାଇଁ ଶୁକ୍ରବାର ସରକାରୀ ଅଫିସ ଛୁଟି ରହିଥିବା ବେଳେ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଯୁଯୁମୁରା ବ୍ଲକ ଗସ୍ତ କରିଥିଲେ। ଏହି ସମୟରେ ସେ ଜୟନ୍ତପୁର, କବରାପାଲି, ବାହାମ, ବୀରସିଂହ ଗଡ ପଞ୍ଚାୟତ ପରିଦର୍ଶନ କରିଥି ବିଭିନ୍ନ ଉନ୍ନୟନ ମୂଳକ କାମ ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନାରେ ସାମିଲ ହୋଇ ଆତ୍ମନିର୍ଭର ହୋଇଥିବା ଏସ୍‌ଏଚ୍‌ଜି ମହିଳା ସଦସ୍ୟଙ୍କୁ ଭେଟିଥିଲେ। ଜୟନ୍ତପୁରରେ ଛତୁ ଚାଷ କରୁଥିବା ମହିଳାମାନଙ୍କୁ ଭେଟି ସମସ୍ୟା ଓ ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। କବରାପାଲି ପଞ୍ଚାୟତରେ ମାଛ ଚାଷ କରୁଥିବା ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଭେଟି ମାଛ ଜାଆଁଳ ଯତ୍ନ ନେବା ଉପରେ ପଚାରିଥିଲେ। ମାଛ ଓ ଛତୁ ଚାଷ ପାଇଁ ସରକାରୀ ସହାଯ୍ୟ ଆହୁରି ଯୋଗାଇ ଦିଆଯିବ ବୋଲି କହିଥିଲେ। ପରେ ବାହାମ ପଞ୍ଚାୟତ ପରିଦର୍ଶନ କରି ସେଠାରେ ନିର୍ମାଣ ହୋଇଥିବା ପାର୍କ ଓ ନିର୍ମାଣାଧୀନ ବଜାର ବୁଲିଥିଲେ। ବଜାର ନିର୍ମାଣ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ତାଗିଦ କରିଥିଲେ। ଜୟନ୍ତପୁରରେ ନିର୍ମାଣାଧୀନ ୫ ଟି ସ୍କୁଲ କାମର ସମୀକ୍ଷା କରିଥିଲେ। ଏହି ଗସ୍ତ ସମୟରେ ଡିଆର୍‌ଡିଏ ପିଡି ଦିଲୀପ କୁମାର ବଳ, ଯୁଯୁମୁରା ବିଡିଓ ସରୋଜ କୁମାର ବିଶ୍ୱାଳ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଏଡିଇଓଙ୍କୁ ଫେରାଦ ହେଲା ଅଭିଭାବକ ମହାସଂଘ


ଏଡ଼ିଇଓଙ୍କ ସହିତ ଅଭିଭାବକ ମହାସଂଘର ପ୍ରତିନିଧିଙ୍କ ଆଲୋଚନା।

ବରଗଡ଼ ଅଫିସ୍,୧୭

ବରଗଡ଼ ବ୍ଲକ ଖଲିଆପାଲି ସେବାଶ୍ରମ ସ୍କୁଲରେ ମଧ୍ୟାହ୍ନ ଭୋଜନ ପରେ ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣାର ବିଧିବଦ୍ଧ ତଦନ୍ତ କରିବା ଦାବିରେ ଗୁରୁବାର ଜିଲା ଅଭିଭାବକ ମହାସଂଘ ଅତିରିକ୍ତ ଜିଲା ଶିକ୍ଷାଧିକାରୀ (ଏଡ଼ିଇଓ) ରାଧାକାନ୍ତ ଛତ୍ରୀଙ୍କୁ ଫେରାଦ ହୋଇଥିଲା। ସଂଘର ଏକ ପ୍ରତିନିଧି ଦଳ ଏଡ଼ିଇଓଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଅପମିଶ୍ରିତ ଖାଦ୍ୟ ଯୋଗୁ ଛାତ୍ରୀଛାତ୍ର ସେଭଳି ଅସୁସ୍ଥ ହୋଇ ପଡ଼ିଥିଲେ। ଫଳରେ ଏଭଳି ଅବହେଳାରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ଦାବି କରିଥିଲେ। ଏହାସହିତ ଦେଓଗାଁ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଯୁକ୍ତି, ଶ୍ରେଣୀ ଗୃହ ଛାତ ନିର୍ମାଣ ପାଇଁ ମଧ୍ୟ ସେମାନେ ଏଡ଼ିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଂଘର ଆବାହକ ବିମଳ କୁମାର ଦାଶ, ସମ୍ପାଦକ ସୁଜିତ ମିଶ୍ର, ଶିବାନନ୍ଦ ମଟାରୀ, ସୁଷେନ ବହିଦାର, ରଞ୍ଜିତା ମହାନା, ବିରେନ୍ଦ୍ର ପଣ୍ଡା ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ହୋଇଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବିନିକା,୧୭(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ଗ୍ରାପ ଅନ୍ତର୍ଗତ ଝାର-କଦଳୀପାଲି ଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତେଜରାଜ ପଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଗୁରୁବାର ସେ ଚାକିରୀ ଜୀବନରୁ ଅବସର ନେଇଛନ୍ତି । ସେ ଦୀର୍ଘ ୩୫ ବର୍ଷ ହେଲା ଉକ୍ତ ସ୍କୁଲରେ ରହି ନିଜ କାର୍ଯ୍ୟ ସୁଚାରୁ ରୂପେ ତୁଲାଇଥିଲେ। ସ୍କୁଲର ପୁରାତନ ଛାତ୍ର, ପରିଚାଳନା କମିଟି ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗାଁର ଉପ୍ରା ସ୍କୁଲରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା । ସଭାରେ ଭଣ୍ଡାର କ୍ଲଷ୍ଟର ସିଆର୍‌ସିସି ହାରାଧନ ବାବୁ , ଅବସରପ୍ରାପ୍ତ ଶିକ୍ଷକ ଫଗୁନୁ କୁମ୍ଭାର, ସିଂଘିଯୁବା ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ପଧାନ,ରଘୁନାଥ ପଧାନ, ରୋହିତାଶ୍ୱ ପଧାନ, କ୍ଷୀରେଶ୍ୱର ସାହୁ ,ଟଙ୍କଧର ସାହୁ ଯୋଗଦେଇ ପ୍ରଧାନଶିକ୍ଷକଙ୍କ ଶିକ୍ଷାଦାନ ଶୈଳୀ, କର୍ତ୍ତବ୍ୟ ପରାୟଣତା ଓ ଛାତ୍ର ବତ୍ସଳତା ଉପରେ ଆଲୋକପାତ କରିଥିଲେ ।







## କିଶନ ପଟ୍ଟନାୟକଙ୍କ ଜୟନ୍ତୀ ସମାରୋହ

ବରଗଡ଼ ଅଫିସ୍,୧୭

ବରଗଡ଼ ସମତା ଭବନରେ ଗୁରୁବାର ସମାଜବାଦୀ ଚିନ୍ତାନାୟକ ସ୍ୱର୍ଗତ କିଶନ ପଟ୍ଟନାୟକଙ୍କ ୯୩ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିରରେ ୩୫ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଚାଷୀନେତା ଲିଙ୍ଗରାଜ, ଶିବ ପ୍ରସାଦ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମତାମୂଳକ ଚିନ୍ତାଧାରାରେ ସ୍ୱର୍ଗତ ପଟ୍ଟନାୟକ ଏକ ବିକଳ୍ପ ରାଜନୀତିର ପରିକଳ୍ପନା କରିଥିଲେ। ସେଥିପାଇଁ ସବୁବେଳେ ତାଙ୍କର ପ୍ରାସଙ୍ଗିକତା ରହିଛି ବୋଲି ଆୟୋଜିତ ସଭାରେ ମତପ୍ରକାଶ ପାଇଥିଲା। ସୁଶୀଲ ଅରୁଣ ସାହୁ, ଲଳିତ ସାହୁ, ଲକ୍ଷ୍ମଣ ସାହୁ, ହର ବଣିଆ, ଚଞ୍ଚଳ ପ୍ରଧାନ, ସୁନା ପ୍ରମୁଖ ସହଯୋଗ କରିଥିଲେ।


କିଶନ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ରକ୍ତଦାନ ଶିବିର ।

## ରଥଚକ ଭିତରେ ପଶି ନାବାଳକର ଭାଙ୍ଗିଲା ହାତ

**କଳାହାଣ୍ଡିର ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳିତ**

ଭବାନୀପାଟଣା,୧୭(ସ୍ୱ.ପ୍ର.)

କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ଶାନ୍ତିଶୃଙ୍ଖଳା ସହ ରଥଯାତ୍ରା ପାଳିତ ହୋଇଯାଇଛି। ଧର୍ମଗଡରେ ରଥଯାତ୍ରା ସମୟରେ ରଥ ଚକ ଭିତରେ ହାତ ପଶିଯାଇ ଜଣେ ନାବାଳକଙ୍କ ହାତର ହାଡ ଭାଙ୍ଗିଯାଇଥିବା ଜଣାପଡିଛି। ଭବାନୀପାଟଣା ସହରରେ ରଥଯାତ୍ରା ସମୟରେ ନୂତନ ଜିଲା ପି. ଅନେ୍ୱଷା ରେଡ୍ଡୀ ଉପସ୍ଥିତ ରହି ପ୍ରଭୁ ଜଗନ୍ନାଥ, ବଳଭଦ୍ର, ମା’ ସୁଭଦ୍ରାଙ୍କ ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଜୁନାଗଡରେ ମଧ ଶାନ୍ତିଶୃଙ୍ଖଳା ସହ ରଥଯାତ୍ରା ସମାପନ ହୋଇଛି।




## ବୁଲିଲା କୋସଲ ଜନଜାଗରଣ ରଥ

ବରଗଡ଼ ଅଫିସ୍,୧୭

ବରଗଡ଼ ଜିଲାର ବିଭିନ୍ନ ଗ୍ରାମକୁ କୋସଲ ଜନଜାଗରଣ ରଥ ପରିକ୍ରମା କରାଯାଉଛି। ଗୁରୁବାର ଏହି ରଥ ସନ୍ଧିବାହାଲ ପଞ୍ଚାୟତର ବେହେରାମୁଣ୍ଡା, ସନ୍ଧିବାହାଲ, ଜାମୁଟବାହାଲ, ଗଁଡ଼ପାଲି, ଜଡ଼ାମୁଣ୍ଡା, ବାଞ୍ଛାନଗର ଗ୍ରାମରେ ପହଞ୍ଚିଥିଲା। କୋସଲ ଯୁବଶକ୍ତି ପକ୍ଷରୁ ଚାଲିଥିବା ଏହି ଅଭିଯାନରେ ସନ୍ଧିବାହାଲ ପଞ୍ଚାୟତ ସଭାପତି ଲାଲାଜି ଝାଙ୍କର, ଉପସଭାପତି ସୁଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧିବାହାଲ ସରପଞ୍ଚ ସବିତା ପରିଡ଼ା ରଥକୁ ସ୍ୱାଗତ କରିଥିଲେ। କୋସଲାଞ୍ଚଳକୁ ସରକାରଙ୍କ ଉପେକ୍ଷାର ପ୍ରତିବାଦ, କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା, ହାଇକୋର୍ଟ ବେଞ୍ଚ, ଚାଷୀଙ୍କୁ ଫସଲବୀମା ପ୍ରଦାନ, ଦାଦନ, ବେକାରୀ ସମସ୍ୟାର ସମାଧାନ ଆଦି ଉପରେ ଜନଜାଗରଣ କରାଯାଇଥିଲା। କୋସଲ ଯୁବଶକ୍ତି ତରଫରୁ ଡଃ ସାକେତ ଶ୍ରୀଭୂଷଣ ସାହୁ, ଦିଲୀପ ସରାଫ, ବଲ୍ଲଭ ସାହୁ, ଈଶ୍ୱର ସାହୁ, ଅଚ୍ୟୁତ ସାହୁ, ସୁରେନ ସାହୁ, ତନ୍ମୟ ମିଶ୍ର, ନରେଶ ରଣା, ଶ୍ରୀକାନ୍ତ ପାଢ଼ୀ, ସୁବାଷ ଠାକୁର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।


ସନ୍ଧିବାହାଲ ପଞ୍ଚାୟତରେ କୋସଲ ଜନ ଜାଗରଣ ରଥକୁ ସ୍ୱାଗତ କରାଯାଉଛି।



**ବାଇକ୍ ଚୋରି**

ପଡ଼ିଆବାହାଲ (ଡି.ଏନ.ଏ.): ଜମନକିରା ଥାନା ଗୌରପାଲି ଫାଣ୍ଡି ଅନ୍ତର୍ଗତ ସାଲେଟିକିରା ଗାଁରୁ ଗୁରୁବାର ରାତିରେ ଏକ ବାଇକ୍ ଚୋରି ହୋଇଛି। ସୌଦାଗର ବାଗ୍ ତାଙ୍କ ଘର ଆଗରେ ବାଇକ୍ (ଓଡ଼ି୨୩ଏଲ-୨୮୩୪) ରଖିଥିବାବେଳେ କେହି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଏ ନେଇ ସୌଦାଗର ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଚାଲୁ ରଖିଛି।

## ସଂକ୍ଷେପରେ

### ଦୁର୍ଘଟଣା: ଜଣେ ମୃତ, ୨ ଆହତ

**ପଡିଆବାହାଲ,୧୭(ଡି.ଏନ.ଏ.):** ଯୁଯୁମୁରା ଥାନା ଟାମ୍ପରସିଂହା ପାଖ କର୍ନେଲ ଖମାନ ଛକ ନିକଟରେ ଶୁକ୍ରବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ମୃତକ ହେଲେ ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଞ୍ଚଳର ବାବୁଲା ଦାସ (୫୦)। ଆହତ ଦ୍ୱୟ ଲାଇକେରା ବାହାଲ ଓ ଘୁଷୁରୀବହାଲ ଅଞ୍ଚଳର। ଯୁଯୁମୁରା ଥାନା ଅଧିକାରୀ ଘଟଣାର ତଦନ୍ତ ଜାରି ରଖିଛନ୍ତି।

### ନିଆରା ଢଙ୍ଗରେ ପାଳିଲେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ସମ୍ବଲପୁର,୧୭ (ବ୍ୟୁରୋ):** ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତବଲା ଆଞ୍ଚଳିକ ଉଚ୍ଚବିଦ୍ୟାଳୟର ଶିକ୍ଷକ ସୁଧାକର ନାଥଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ଉତ୍ସବରେ ଆଖପାଖ ୧୦ ଗ୍ରାମର ଅଭିଭାବକ, ପୁରାତନ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ସମାଜିକ କର୍ମୀ ସାମିଲ ହୋଇଥିଲେ। ସମସ୍ତେ ଫୁଲମାଳ ଦେବା ସହ ପୁଷ୍ପବର୍ଷା କରି ଶିକ୍ଷକ ନାଥଙ୍କୁ ମଞ୍ଚ ଉପରକୁ ପାଛୋଟି ନେଇଥିଲେ। ସେଠାରେ ଗୁରୁବନ୍ଦନା ଗାନ ସହ ଗୁରୁପୂଜନ କରି ସମ୍ବର୍ଦ୍ଧିତ କରିଥିଲେ। ତବଲା ଉଚ୍ଚ ବିଦ୍ୟାଳୟରେ ୩୦ବର୍ଷ ଶିକ୍ଷକତା କରି ଶିକ୍ଷକ ନାଥ ମେଳାପୀ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ବେଶେ ପରିଚିତ ଥିଲେ।

### ବିଳମ୍ବିତ ରାତିରେ ଦୁଇଟି ବୁଲେଟ ସହ ତିନୋଟି ଦୋକାନରୁ ଚୋରି

**ଲହୁଣୀପଡା,୧୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଲହୁଣୀପଡା କଲେଜ ଛକ ନିକଟରେ ଗୋଟାଏ ରାତିରେ ଦୁଇଟି ବୁଲେଟ ସହିତ ପାଞ୍ଚଟି ଜାଗାରେ ଚୋରି ହୋଇଛି। ଲହୁଣୀପଡା ମୁଖ୍ୟ ବଜାରରେ ଗୁରୁବାର ବିଳମ୍ବିତ ରାତ୍ରିରେ ଏହି ଘଟଣା ଘଟିଛି ବୋଲି ଲହୁଣୀପଡା ଥାନାରେ ଅଭିଯୋଗ ହୋଇଛି। ଲହୁଣୀପଡା କଲେଜ ଛକ ରୂପା ଯାଦବଙ୍କ ଘର ବାରଣ୍ଡାରେ ମହିଷ ଛାପଲ ଗ୍ରାମର ଉମେଶ ମାହାନ୍ତ ବୁଲେଟକୁ ରଖିଦେଇ ଅନ୍ୟତ୍ର ଯାଇଥିବା ବେଳେ ବିଳମ୍ବିତ ରାତ୍ରିରେ ବୁଲେଟର ଲକ ଭାଙ୍ଗି ଦୁର୍ବୃତ୍ତମାନେ ଚୋରିକରି ନେଇ ଯାଇଛନ୍ତି। ଏହି ଜାଗାରୁ ଦୂରରେ ସୁବନ ମାହାନ୍ତଙ୍କ ଷ୍ଟିଲ ଗଡରେଜ ଦୋକାନ ଅଛି। ତାଙ୍କ ଘର ଆଗରେ ପୁଅ ସତ୍ୟବାନ ମାହାନ୍ତ ଏକ ବୁଲେଟକୁ ପ୍ରତ୍ୟେକ ଦିନ ଭଳି କାଲି ମଧ ରଖି ଦେଇଥିଲେ। ଶୁକ୍ରବାର ସକାଳୁ ଉଠି ଦେଖିଲା ବେଳକୁ ବୁଲେଟ ନାହିଁ। ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିଭଳି ଲ୍ୟାମ୍ପସ ସାମ୍ନାରେ ଥିବା ତେଜରାତି ଦୋକାନରୁ ସଟର ଭାଙ୍ଗି ପ୍ରାୟ ନଗଦ ୫ହଜାର ଟଙ୍କା ଓ କିଛି ରାଶନ ସାମଗ୍ରୀ ଚୋରିକରି ନେଇଥିବା ବେଳେ ସେହି ପାଖରେ ଥିବ ବିୟର ବାର ଓ ମୋବାଇଲ ଦୋକାନରେ ଶଟର ଭାଙ୍ଗି ଚୋରି ଉଦ୍ୟମ କରିଥିଲେ ମଧ ବିଫଳ ହୋଇଥିବା ଜଣାପଡିଛି। ଏହି ଚୋରି ଘଟଣା ଗୁରୁବାର ବିଳମ୍ବିତ ରାତ୍ରି ଗୋଟାଏ ଚାରିଟା ସମୟ ମଧରେ ଘଟିଥିବା ବିଭିନ୍ନ ସିସିଟିଭି ଫୁଟେଜରୁ ଜଣାପଡୁଥିବା ବେଳେ ପ୍ରାୟ ୪/୫ ଜଣ ଦୁର୍ବୃତ୍ତ ବାଇକ ଯୋଗେ ଆସିଥିଲେ ବୋଲି ଅନୁମାନ କରାଯାଉଛି। ଲହୁଣୀପଡା ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଚଳାଇଥଲେ ମଧ କୌଣସି ସୁରାକ ପାଇପାରି ନାହିଁ।

# ଅପହଞ୍ଚ ଇଲାକାରେ ଡାକ୍ତରୀ ସେବା ପହଞ୍ଚିବା ଆବଶ୍ୟକ

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ଡାକ୍ତର ଦିବସ ପାଳିତ

**କୁଆଁରମୁଣ୍ଡା,୧୭(ଡି.ଏନ.ଏ)**



କୁଆଁରମୁଣ୍ଡା ସିଏଚସିରେ କୋଭିଡ ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସୁନ୍ଦରଗଡ଼ ଜିଲାର ଅପହଞ୍ଚ ଇଲାକାରେ ବସବାସ କରୁଥିବା ଜନଜାତିବର୍ଗର ବ୍ୟକ୍ତିମାନେ ଡାକ୍ତରୀ ସେବା ଠାରୁ ନିଜକୁ ଦୂରେଇ ରଖି ଝଡ଼ାଫୁଙ୍କାଭଳି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେଉଛନ୍ତି। ତେଣୁ ସେମାନେ କିଭଳି ଡାକ୍ତରୀ ସେବାକୁ ଆପଣାଇବେ ସେଥିପ୍ରତି ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ବୋଲି ଶୁକ୍ରବାର କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ଜାତୀୟ ଡାକ୍ତର ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ରାଉରକେଲାର ନିଲମ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲା ପରିଷଦର ଉପସଭାପତି କମଲ ଲାକ୍ରା, ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କରୋନା ଯୋଦ୍ଧାଭାବେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକ, ଡା. ଅମିତ କୁମାର ଦାଶ, ଡା.ଗୌରବ ସାହୁ, ଡା.ଶତଭିଷା ରଥ, ଡା.ଆର. ଜ୍ୟୋତିପ୍ରକାଶ, ଡା.ଅମିତାଂଶୁ ମଣ୍ଡଳଙ୍କ ସମେତ କୋଭିଡ ନୋଡାଲ ଅଧିକାରୀ ଦେବାଶିଷ ସାହୁ, ଫାର୍ମାସିଷ୍ଟ ଉମାକାନ୍ତ ପତି, ବିପଏମ ଶିବାନୀ ନାଏକଙ୍କ ସହ ୧୦ଡାକ୍ତର, ୨୦ନର୍ସ ଓ ୧୦ ଜଣ ପାରା ମେଡିକାଲ କର୍ମଚାରୀଙ୍କୁ ମୁଖ୍ୟ ଅତିଥି ବିଧାୟକ ନାୟକ ଓ ଅନ୍ୟଅତିଥିମାନେ ଆଗଧାଡିର କରୋନା ଯୋଦ୍ଧାଭାବେ ସମ୍ମାନିତ କରିଛନ୍ତି। ପ୍ରାରମ୍ଭରେ ନିଲମ ଫାଉଣ୍ଡେସନର ସଭାପତି ପ୍ରତିମା ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୋନାଲିସା ସାହୁ ସଭା ସଞ୍ଚାଳନ କରିଥିଲେ। ନିଲମ ଫାଉଣ୍ଡେସନର ଉପସଭାପତି ଗ୍ରାସୀ ଡାଭିଡ୍ ଧନ୍ୟବାଦ ଅର୍ପଣ କରିଥିଲେ। ସାରଦା ପ୍ରସାଦ ଧଳ, ବିଶ୍ୱରଞ୍ଜନ ମହାରଣା, ଡା.ଅମିତ ଦାଶ, ରୂପେଶ ଅଗ୍ରୱାଲ, ଅଭିଷେକ ସିଂ, ଚନ୍ଦ୍ରମା ଦାସ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ।

### ରଥଚକ ଚଢି ଯୁବକଙ୍କ ଗୋଡ଼ ଭାଙ୍ଗିଲା

**ଲହୁଣୀପଡା,୧୭(ଡି.ଏନ.ଏ.)**

ଶୁକ୍ରବାର ଲହୁଣୀପଡା ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ରଥଯାତ୍ରା ପାଳିତ ହେଉଥିବାବେଳେ ଗୋଟାଏ ସ୍ଥାନରେ ଅଘଟଣ ଘଟିଛି। ଫୁଲଝର ପଞ୍ଚାୟତର ଫୁଲଝରଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ନିକଟସ୍ଥ ଗ୍ରାମରୁ ବହୁସଂଖ୍ୟାରେ ଭକ୍ତଆସି ରଥ ଟାଣିବା ସହିତ ରଥଯାତ୍ରାକୁ ଉପଭୋଗ କରିଥିଲେ। ଫୁଲଝର ଠାରେ ରଥ ଟଣା ହେଉଥିବା ବେଳେ ସେହି ଗ୍ରାମର ମଜୁରୀ ମୁଣ୍ଡା(୩୫)କୌଣସି କାରଣରୁ ରଥ ଚକତଳେ ପଡିଯିବାରୁ ତାଙ୍କ ବାମ ଗୋଡ଼ର ଆଣ୍ଠୁ ଉପରକୁ ରଥଚକ ଚଢିଯିବାରୁ ଗୋଡଟି ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ମଜୁରୀଙ୍କୁ ବଣେଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ରାଉରକେଲାକୁ ସ୍ଥାନାନ୍ତର କରି ଦେଇଥିବା ଜଣାପଡ଼ିଛି।

## ବକ୍ସମା ପ୍ରିମିୟର ଲିଗ୍ କ୍ରିକେଟ୍ ଉଦ୍ଯାପିତ


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଖେଳାଳି।

**କୁଚିଣ୍ଡା,୧୭(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ମା' ତାରିଣୀ କ୍ଲବ ପକ୍ଷରୁ ଗତ ୨୬ ତାରିଖରୁ ଆରମ୍ଭ ହୋଇଥିବା ବକ୍ସମା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଇଣ୍ଡିଆନ ଷ୍ଟ୍ରାଇକର୍ସ ଓ ବକ୍ସମା ଫାଇଟର୍ସ ମଧରେ ହେଇଥିଲ। ବକ୍ସମା ଫାଇଟର୍ସ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୯୭ ରନ କରି ଚାମ୍ପିୟନ ହୋଇଥିଲା। ପ୍ରତିପକ୍ଷ ଇଣ୍ଡିଆନ ଷ୍ଟ୍ରାଇକର୍ସ ୮ ଉଇକେଟ ହରାଇ ୮୫ ରନ କରି ରନର୍ସଅପ ହୋଇଥିଲା। ବକ୍ସମା ଦଳର ତରଣି ସାହୁ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ସେହିପରି ରଞ୍ଜନ ରାଉତଙ୍କୁ ବେଷ୍ଟ ଫିଲଡ଼ର, ପ୍ରକାଶ ଦେହୁରିଙ୍କୁ ବେଷ୍ଟ କ୍ୟାଚର ଓ ସୁବ୍ରତ ଭଇଁସାଙ୍କୁ ବେଷ୍ଟ ବୋଲର ପୁରସ୍କାର ପ୍ରଦାନ କରାଯାଇଥିଲା। ଅଭିଲାଷଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ଦିଆଯାଇଥିଲା। ଅମ୍ପେୟାର ମହେଶ ସୋହେଲା ଓ ପ୍ରଶାନ୍ତ ହାତୀ ଖେଳ ପରିଚାଳନା କରିଥିଲେ। ଖବରଦାତା ସଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି, ସରପଞ୍ଚ ସରସ୍ୱତୀ ଠାକୁର, ସମିତି ସଭ୍ୟା ରଶ୍ମି କୁସୁମ, ଶିକ୍ଷକ ପ୍ରଦୀପ ପୁରୋହିତ, ଅଭିଲାଷ ଅଗ୍ରୱାଲ,ସୁଜିତ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

## ୩୦ ପ୍ରତିଶତ ଅଯୋଗ୍ୟ ହାତେଇଛନ୍ତି କାର୍ଡ

### ଜମନକିରା ବ୍ଲକରେ ରାଶନ କାର୍ଡ କେଳେଙ୍କାରୀ

**ଜମନକିରା,୧୭(ଡି.ଏନ.ଏ.)**

ଜମନକିରା ବ୍ଲକରେ ରାଶନ କାର୍ଡ ବଣ୍ଟନରେ ବହୁ ଅନିୟମିତତା ହୋଇଥିବା ନେଇ ଯୋଗ୍ୟ ହିତାଧିକାରୀ ଜିଲାପାଳ, ବିଭାଗୀୟ ସଚିବ ଓ ମନ୍ତ୍ରୀଙ୍କଠାରେ ଫେରାଦ ହୋଇଛନ୍ତି। ତେବେ ଅଯୋଗ୍ୟ ହିତାଧିକାରୀଙ୍କୁ ଶୀଘ୍ର ବାଦଦିଆ ନ ଗଲେ ଯୋଗାଣ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ଜମନକିରା ବ୍ଲକରେ ୨୧ ପଞ୍ଚାୟତ ରହିଥିବାବେଳେ ପ୍ରାୟ ୨୪ ହଜାର ପରିବାର ବ୍ଲକ ଯୋଗାଣ ବିଭାଗରୁ ରାଶନ କାର୍ଡ ପାଇଛନ୍ତି। ତେବେ ପରିତାପର ବିଷୟ ଯେ, ଦିଆଯାଇଥିବା ରାଶନ କାର୍ଡର ଶତକଡ଼ା ୩୦ ପ୍ରତିଶତ ଲୋକ ଅଯୋଗ୍ୟ ଅଟନ୍ତି। ନିୟମ ଅନୁଯାୟୀ ଯେଉଁମାନେ ଆବେଦନ କରିବେ ଏକ ତଦାରଖ କମିଟି ଯାଞ୍ଚ କରିବା ପରେ ସେମାନଙ୍କୁ କାର୍ଡ ଦିଆଯିବା କଥା। ମାତ୍ର ତାହା ଏଠି ଠିକରେ ହେଉ ନ ଥିବାରୁ ଅଯୋଗ୍ୟ ବ୍ୟକ୍ତିମାନେ ରାଶନ କାର୍ଡ ପାଇବାରେ ସଫଳ ହୋଇଛନ୍ତି। ରାଶନ କାର୍ଡ ହାତେଇଥିବା ଅଧିକାଂଶ ଲୋକଙ୍କ ପାଖରେ ୪ ଚକିଆ ଯାନ ଥିବାବେଳେ ୧୦ ହଜାରରୁ ଅଧିକ ଆୟ ରହିଛି। ଯୋଗାଣ ବିଭାଗ ସେମାନଙ୍କୁ ତାଲିକାରୁ ବାଦ ଦେଉ ନ ଥିବାରୁ ଯୋଗ୍ୟ ହିତାଧିକାରୀ କାର୍ଡ ପାଇବାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ କାର୍ଯ୍ୟାଳୟ ଅଚଳ କରିଦିଆଯିବ ବୋଲି ଯୋଗ୍ୟ ହିତାଧିକାରୀ ଦାବିପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ ହରିଚନ୍ଦନଙ୍କୁ ପଚାରିବାରୁ ଅଯୋଗ୍ୟ ବ୍ୟକ୍ତିଙ୍କୁ ଆମେ ବାଦ ଦେଇପାରିବୁ ନାହିଁ, ସେମିତି କିଛି ନିୟମ ନାହିଁ ବୋଲି କହିଥିଲେ।

### ସମ୍ବଲପୁରୀ ଦିନରେ ସ୍ଥାପନ ହେବ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତି

**ସମ୍ବଲପୁର,୧୭ (ବ୍ୟୁରୋ)**

ଆସନ୍ତା ଅଗଷ୍ଟ ୧ତାରିଖ ସମ୍ବଲପୁରୀ ଦିନରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ ସ୍ଥିର ହୋଇଛି। ବୁଧବାର ପଶ୍ଚିମାଞ୍ଚଳ ଏକତା ମଞ୍ଚ କର୍ମକର୍ତ୍ତା ଓ ସଭ୍ୟମାନେ ଏ ସମ୍ପର୍କରେ ଜିଲାପାଳ ଅନନ୍ୟା ଦାସଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଜିଲାପାଳ କଚେରି ରୋଡ୍‌ରେ ଥିବା ଗୁରୁ ସତ୍ୟନାରାୟଣ ସ୍ମୃତି ଉଦ୍ୟାନକୁ ଯାଇ ବୁଲି ଦେଖିଥିଲେ। ଉଦ୍ୟାନର ସ୍ଥିତି, ପ୍ରତିମୂର୍ତ୍ତି ସ୍ଥାପନ ସ୍ଥଳ, ଗୁରୁ ସତ୍ୟ ନାରାୟଣ ବହିଦାରଙ୍କର ସ୍ମୃତି ଭବନ ନିର୍ମାଣ ବିଷୟରେ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀଶଙ୍କର ଭୋଇ, କାର୍ଯ୍ୟକ୍ରମ ପରାମର୍ଶଦାତା ଡ. ପ୍ରମୋଦ ରଥ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ସୁକାନ୍ତ କର, କମଳ ଷଡଙ୍ଗୀ, ଅମଲେନ୍ଦୁ ନାୟକ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ୨୦୧୩ରୁ ସମ୍ବଲପୁରୀ କବି ଓ ଲେଖକ ସ୍ୱର୍ଗତ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ତିଥି ଅଗଷ୍ଟ ୧ତାରିଖକୁ ସମ୍ବଲପୁରୀ ଦିନ ଭାବେ ପାଳନ କରିଆସୁଛନ୍ତି।

## ଜିଲାସ୍ତରୀୟ ପ୍ରତିଯୋଗିତାରେ ଅର୍ଡାବାହାଲର ୩ ଛାତ୍ରୀ



ମନୋନୀତ ହୋଇଥିବା ୩ ଛାତ୍ରୀ।

**କୁଚିଣ୍ଡା, ୧୭(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଅର୍ଡାବାହାଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୩ଛାତ୍ରୀ ଜିଲାସ୍ତରୀୟ ଖେଳକୁଦ ପାଇଁ ମନୋନୀତ ହୋଇଛନ୍ତି। ଏହି ତିନି ଛାତ୍ରୀ ହେଲେ ଓଷ୍ଟା ପ୍ରଧାନ, ମମତା କିଷାନ ଓ ଦିବ୍ୟା ନାଏକ। ଜୁନ ୧ରେ କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମଠାରେ ଆୟୋଜିତ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଏହି ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବାରୁ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅନିତାରାଣୀ ଦାସ ଓ ପିଇଟି ଚନ୍ଦନ କୁମାର ମାକର ଶୁଭେଚ୍ଛା ଜଣାଇ ସଫଳତା କାମନା କରିଛନ୍ତି।

## ସମ୍ବଲପୁର ଡାକ ମଣ୍ଡଳ ଦ୍ୱାରା କ୍ୟାନସେଲେଶନ କ୍ୟାଚେଟ ଉନ୍ମୋଚିତ

**ସମ୍ବଲପୁର,୧୭(ବ୍ୟୁରୋ)**

ପବିତ୍ର ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ସମ୍ବଲପୁର ଡାକ ମଣ୍ଡଳ ପକ୍ଷରୁ ବିଶେଷ କ୍ୟାନସେଲେଶନ କ୍ୟାଚେଟ ଶୁକ୍ରବାର ମୁଖ୍ୟ ଡାକଘରେ ଉନ୍ମୋଚିତ ହୋଇଯାଇଛି। ମହାନଦୀ କୋଇଲା କମ୍ପାନୀ ବିତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଉତ୍ସବରେ ସମ୍ବଲପୁର ଡାକ ଅଧୀକ୍ଷକ ବିପିନ ବିହାରୀ ନେଗୀ ଡାକଘର ଦ୍ୱାରା ପ୍ରଦାନ କରାଯାଉଥିବା ସଞ୍ଚୟ ଖାତା, ଆର୍‌ଡି ଆକାଉଣ୍ଟ, ଏମ୍‌ଆଇଏସ୍ ଆକାଉଣ୍ଟ, ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ, ସିନିୟର ସିଟିଜେନ ଆକାଉଣ୍ଟ, ସୁକନ୍ୟା ସମୃଦ୍ଧି ଯୋଜନା, କିଶାନ ବିକାଶ ପତ୍ର ଆକାଉଣ୍ଟରେ ଖାତା ଖୋଲି କିପରି ଜନସାଧାରଣ ଉଚ୍ଚ ବାର୍ଷିକ ସୁଧ ପ୍ରାପ୍ତ କରିପାରିବେ ସେ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ବଲପୁର ଉପ-ଡାକମଣ୍ଡଳ ସହକାରୀ ଅଧୀକ୍ଷକ ଶମ୍ଭୁ କୁମାର ସିଂ, ସହକାରୀ ଅଧୀକ୍ଷକ ଗିରିଶ ଚନ୍ଦ୍ର ସାହୁ, ସମ୍ବଲପୁର ପଶ୍ଚିମ ଉପମଣ୍ଡଳ ଡାକ ନିରୀକ୍ଷକ କୁମାରୀ ଶ୍ରାବଣୀ ପ୍ରଦାନ, ସମ୍ବଲପୁର ପ୍ରଧାନ ଡାକଘର ପୋଷ୍ଟମାଷ୍ଟର ଲକ୍ଷ୍ମୀନାରାୟର ମିଶ୍ରଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ବ୍ରଜରାଜନଗରକୁ ଅପରାଧମୁକ୍ତ କରିବା ଲକ୍ଷ୍ୟ

**ବ୍ରଜରାଜନଗର,୧୭(ଡି.ଏନ.ଏ.)**

ବ୍ରଜରଜନଗର ଥାନାରେ ଶୁକ୍ରବାର ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ ନୂତନ ଥାନାଧିକାରୀ ଭାବରେ ଯୋଗଦାନ କରିଛନ୍ତି। ବ୍ରଜରାଜନଗର ସହରକୁ ଅପରାଧ ମୁକ୍ତ କରିବା ସହିତ ଅପରାଧୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବା ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିବା ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ସେ ଝାରସୁଗୁଡା ଟାଉନ ଥାନାରେ ପ୍ରଥମେ କାର୍ଯ୍ୟ କରିଥିଲେ। ବ୍ରଜରାଜନଗର ଅମିତ ଘୋଷ ମର୍ଡର ପରେ ୨୦୧୯ ଅକ୍ଟୋବର ମାସରେ ତାଙ୍କୁ ବ୍ରଜରାଜନଗର ଥାନାକୁ ଅଣାଯାଇଥିଲା। ୨୦୨୧ ଅଗଷ୍ଟରେ ତାଙ୍କୁ ରେଙ୍ଗାଲି ଥାନାକୁ ବଦଳି କରାଯାଇଥିଲା।

## ଏମ୍‌ସିଏଲ୍‌ର ସ୍ୱଚ୍ଛତା ପକ୍ଷ: ବିବିଧ ପ୍ରତିଯୋଗିତା



ଏମସିଏଲ ପକ୍ଷରୁ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

**ସମ୍ବଲପୁର, ୧୭ (ବ୍ୟୁରୋ)**

ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ମହାନଦୀ କୋଲ ଫିଲ୍ଡସ ଲିମିଟେଡ (ଏମ୍‌ସିଏଲ୍) ପକ୍ଷରୁ ଜନସଚେତନତା ପାଇଁ ବିବିଧ ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟାଳୟ ସମେତ ଇବ୍ କୋଇଲାଖଣି, ତାଳଚେରଠାରେ ଗତ ୧୬ରୁ ୩୦ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ହୋଇଥିଲା। ଛିପିଲିମା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଉଦ୍‌ଯାପନ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଜିଏମ୍ (ସିଏସ୍‌ଆର୍) ରଜନୀ କାନ୍ତ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କୁଇଜ୍, ପ୍ରବନ୍ଧ ପ୍ରତିଯୋଗିତାରେ ବିଜେତା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱଚ୍ଛତା ଅଭିଯାନ ଅଧୀନରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ବାର୍ତ୍ତା ବିସ୍ତାର କରିବା ଓ ଅଧିକରୁ ଅଧିକ ଲୋକଙ୍କୁ ସଚେତନ କରାଇବା ପାଇଁ ପୁଟିବନ୍ଧ (ଧନୁପାଲି), ସିନ୍ଧୁରପଙ୍କ, ଗୋଶାଳା ଉଚ୍ଚ ବିଦ୍ୟାଳୟରେ ଏମ୍‌ସିଏଲ୍ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା। ସେହିଭଳି ଏମ୍‌ସିଏଲ୍ ଅଫିସ, ଡାକ୍ତରଖାନା, ଡିଏଭି ସ୍କୁଲ ପରିସର ଓ ବସନ୍ତପୁର ଗ୍ରାମରେ ସ୍ୱଚ୍ଛତା ଡ୍ରାଇଭ୍ କରାଯାଇଥିଲା।

# ବନ ମହୋତ୍ସବ ସପ୍ତାହ ପାଳନ

**ନାକଟିଦେଉଳ,୧୭(ଡି.ଏନ.ଏ.)**

ନାକଟିଦେଉଳ ବନାଞ୍ଚଳ ଝରାଇଲ ଫରେଷ୍ଟ ସେକ୍ସନର ରାଇଲ ଗ୍ରାମରେ ଶୁକ୍ରବାର ୭୩ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଘୋଷରାମାଳ ସରପଞ୍ଚ ପ୍ରେମଶୀଳା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ରାଇଲ ଫରେଷ୍ଟ ସେକ୍ସନ ପକ୍ଷରୁ ପ୍ରାୟ ୧୦୦ହେକ୍ଟର ଜଙ୍ଗଲ ଜମିରେ ଶାଳ, ପିଆଶାଳ, ପଣସ, ଆମ୍ବ, ଲିମ୍ବ ଆଦି ୨୨ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାକଟିଦେଉଳ ବନଞ୍ଚଳାଧିକାରୀ ଅଶ୍ୱନୀ କୁମାର ବେହେରା, ରାଇଲ ଫରେଷ୍ଟର ସ୍ୱପ୍ନେଶ୍ୱର ଦେହୁରି, ଫରେଷ୍ଟଗାର୍ଡ଼ ଗୋବିନ୍ଦ ସାହୁ, ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡ଼ର ଅଜୟ ସାଗର ଓ ଶିବନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣକାରୀ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ।


ବୃକ୍ଷରୋପଣରେ ସାମିଲ ହୋଇଥିବା କର୍ମକର୍ତ୍ତା ଓ ଗ୍ରାମବାସୀ।

### ଚାରା ରୋପଣ କରି ଯତ୍ନ ନେବାକୁ ଶପଥ

**ସମ୍ବଲପୁର,୧୭ (ବ୍ୟୁରୋ):** ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜ ଛାମୁଣ୍ଡାଠାରେ ଶୁକ୍ରବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବନ ବିଭାଗ ପକ୍ଷରୁ ବୃକ୍ଷ ରୋପଣ ସହ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ସବୁଜ ସୁନ୍ଦର ଓ ସୁସ୍ଥ ପରିବେଶ ଗଠନ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ଜ୍ଞାନକୁଟୀର ପ୍ରାଙ୍ଗଣରେ ହାତୀପଡ଼ା, ଭଟଲୀ, ଛାମୁଣ୍ଡା, ଗ୍ରାମବାସୀ ଉପସ୍ଥିତ ରହିଥିଲେ। ପଡ଼ିଆବାହଲ ରେଞ୍ଜ ବନ ବିଭାଗ ଫରେଷ୍ଟର ବିକାଶ ଭୋଇ ଜୁଲାଇ ୧ରୁ ୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବନ ମହୋତ୍ସବରେ ବୃକ୍ଷ ରୋପଣ କରିବାକୁ ପରାମର୍ଶ ଦେଇଥିଲେ। ସହକର୍ମୀ ରଶ୍ମି ରଞ୍ଜନ ନାଥ କହିଥିଲେ, ବୃକ୍ଷ ରୋପଣ କରି ତିନିବର୍ଷ ସୁରକ୍ଷା କରିପାରିଲେ ଆମକୁ ଆଉ ବୃକ୍ଷ ରୋପଣ କରିବାକୁ ପଡ଼ିବ ନାହିଁ। କାରଣ ପ୍ରତିବର୍ଷ ୧୦ରୁ ୩୦ ହଜାର ଗଛ ପ୍ରାକୃତିକ ଉପାୟରେ ସୃଷ୍ଟି ହେଇଥାଏ। କୃତ୍ରିମ ଉପାୟ ଅପେକ୍ଷା ତାହା ଅଧିକ ଫଳପ୍ରଦ ହୁଏ ବୋଲି ମତ ଦେଇଥିଲେ। ଏହାସହ ବୃକ୍ଷ କିପରି ପିମ୍ପୁଡ଼ି ଓ ଉଇରୁ ସୁରକ୍ଷିତ ରହିପାରିବ ସେହି ପ୍ରକ୍ରିୟା ଉଦାହରଣ ଦେଇ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଛାମୁଣ୍ଡା ସରପଞ୍ଚ ବିନତି ଭୋଇ ଅତିଥିଭାବେ ଯୋଗ ଦେଇଥିଲେ। ଗ୍ରାମବାସୀ ପିଜୁଳି, ଅଁଳା, ପିସ୍ତା ବାଦାମ, ନିମ୍ବ, ଦେବଦାରୁ, ରୁଦ୍ରାକ୍ଷ, ବଉଳ ଆଦି ଚାରା ରୋପଣ କରି ତାକୁ ବଡ଼ ହେବା ଯାଏ ଯତନ କରିବେ ବୋଲି ଶପଥ ନେଇଥିଲେ।

### ଗୌଡ଼ପାଲିରେ ବନ ମହୋତ୍ସବ


ବୃକ୍ଷରୋପଣ କରୁଛନ୍ତି ଅଧିକାରୀ, କର୍ମଚାରୀ।

**ଜମନକିରା,୧୭(ଡି.ଏନ.ଏ.):** ବାମଣ୍ଡା ବନ୍ୟପ୍ରାଣୀ ବନଖଣ୍ଡ ବଡ଼ରମା ରେଞ୍ଜ ଅଧୀନ ଗୌଡପାଲି ସେକ୍ସନରେ ଶୁକ୍ରବାର ୨୩ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବନ୍ୟପ୍ରାଣୀ ଏସିଏଫ୍ ଜିତେନ୍ଦ୍ର ବେହେରା, ରେଞ୍ଜର ଦିଲୀପ କୁମାର ମଣ୍ଡେୱାଲା, ଫରେଷ୍ଟର ଲେଖାରାଣୀ ମହାନନ୍ଦ ଓ ଗୌଡପାଲି ଫରେଷ୍ଟ ସେକ୍ସନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ।

# ଘୋଷଯାତ୍ରା



ରାଉରକେଲା ଠାରେ ସୁଭଦ୍ରାଙ୍କ ବିଗ୍ରହକୁ ପହଣ୍ଡି କରି ରଥକୁ ଅଣାଯାଉଛି।



ଝାରସୁଗୁଡ଼ା ଜିଲା ବନ୍ଧବାହାଲ ଦୀନବାନ୍ଧବ କ୍ଷେତ୍ର ରଥ ସମ୍ମୁଖରେ ଭଜନକୀର୍ତ୍ତନ କରୁଛନ୍ତି ଶ୍ରଦ୍ଧାଳୁ।



ଦେବଗଡ଼ରେ ପହଣ୍ଡି କରାଯାଉଛି।



ସମ୍ବଲପୁର ଝାଡ଼ୁଆପଡ଼ା ବ୍ରହ୍ମପୁରା ଠାକୁରଙ୍କଠାରେ ରଥଛୁଆଁ ଚାଲିଛି ।



କୋଲାବିରାରେ ଠାକୁରଙ୍କୁ ପହଣ୍ଡି କରି ନିଆଯାଉଛି।



ସୁନ୍ଦରଗଡ଼ ରଥରେ ଛେରାପହଁରା କରାଯାଉଛି।

## ସୁନ୍ଦରଗଡରେ ରଥଯାତ୍ରା

**ସୁନ୍ଦରଗଡ,୧୭(ଡିଏନଏ)**

ସୁନ୍ଦରଗଡ଼ରେ ପବିତ୍ର ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ରାଜବାଟିସ୍ଥିତ ଜଗନ୍ନାଥଙ୍କ ମନ୍ଦିରରୁ ପ୍ରଭୂ ଜଗନ୍ନାଥ ବଳଭଦ୍ର, ଜଗନ୍ନାଥ ,ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ପହଣ୍ଡି ବିଜେ କରି ରଥାରୂଢ କରାଯାଇଥିଲା। ପରେ ସୁନ୍ଦରଗଡର ରାଜା ସମରେନ୍ଦ୍ର ଶେଖର ଦେଓ ପାରମ୍ପରିକ ରୀତିନୀତି ଅନୁଯାୟୀ ରଥ ଉପରେ ଛେରାପହଁରା କରି ଜୀଉମାନଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ଅପରାହ୍ନ ୫ଟାରେ ରଥଟଣା ହୋଇଥିଲା। ଶ୍ରଦ୍ଧାଳୁମାନେ ରିଜେଣ୍ଟ ମାର୍କେଟ ଛକ ପର୍ଯ୍ୟନ୍ତ ରଥକୁ ଟାଣି ପୁଣି ରଥକୁ ଟାଣି ମନ୍ଦିରର ଆଡପ ମଣ୍ଡପରେ ପହଞ୍ଚି ଥିଲେ।



ରାଜଗାଙ୍ଗପୁରରେ ରଥର ଅଖ ଭାଙ୍ଗିଯାଇଛି।

## ରଥ ଅଖ ଭାଙ୍ଗିଲା, ମହାପ୍ରଭୁଙ୍କୁ ମୁଣ୍ଡେଇ ନେଲେ ମାଉସୀ ଘର

**ରାଜଗାଙ୍ଗପୁର, ୧୭(ଡି.ଏନ.ଏ.):** ରାଜଗାଙ୍ଗପୁରର ଲାଇଙ୍ଗଠାରେ ରଥଯାତ୍ରା ସମୟରେ ରଥର ଅଖ ଭାଙ୍ଗିଯିବା ଦ୍ୱାରା ରଥଟଣା ହୋଇପାରିଲା ନାହିଁ। ଲାଇଙ୍ଗ ଜଗନ୍ନାଥ ମନ୍ଦିରରୁ ରଥ ଟଣା ଆରମ୍ଭ ହୋଇ ପ୍ରାୟ ୨୦୦ ମିଟର ଦୂରତା ଯିବା ପରେ ଉକ୍ତ ରଥର ଅଖ ଭାଙ୍ଗିଯିବା ଦ୍ୱାରା ରଥଟଣା ସେଇଠି ଅଟକି ଯାଇଥିଲା। କମିଟିର ସଦସ୍ୟ ତଥା ଭକ୍ତମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଭକ୍ତି ସହକାରେ ରଥରୁ ମୁଣ୍ଡେଇ ନେଇ ମାଉସୀ ମା ଘରେ ପହଞ୍ଚାଇଥିଲେ। ଭକ୍ତମାନଙ୍କର ମନରେ ଦୁଃଖ ପ୍ରକାଶ ପାଇଥିଲା। ଉକ୍ତ ଘଟଣା ରାଜଗାଙ୍ଗପୁର ବିଧାୟକ ଡାକ୍ତର ସିଏସ ରାଜନ ଏକ୍କା ଅବଗତ ପରେ ବିଧାୟକ ତାଙ୍କ ନିଜସ୍ୱ ପାଣ୍ଠିରୁ ରଥର ସେଡ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ଓ ମାଉସୀ ମାଙ୍କ ମନ୍ଦିର ନିର୍ମାଣ ପାଇଁ ୪ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଥିଲେ ।

## ୨ବର୍ଷ ପରେ ଭକ୍ତ ଟାଣିଲେ ରଥ

**ଦେବଗଡ଼,୧୭(ଡି.ଏନ୍.ଏ.):** ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ରଥଯାତ୍ରା ଭାବେ ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଦେବଗଡ ରଥଯାତ୍ରାର ଶୁକ୍ରବାର ପ୍ରଥମ ଦିନରେ ମହାପ୍ରଭୂ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଓ ସୁଦର୍ଶନଙ୍କ ପହଣ୍ଡି ବିଜେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ପ୍ରଚଳିତ ପରମ୍ପରା ଅନୁଯାୟୀ ଦେବଗଡ(ବାମଣ୍ଡା)ର ରାଜା ତଥା ସମ୍ବଲପୁର ଲୋକସଭା ସଦସ୍ୟ ନିତେଶ ଗଙ୍ଗଦେବ ଛେରାପହଁରା କରିବା ପରେ ହଜାର ହଜାର ଶ୍ରଦ୍ଧାଳୁ, ବଡପଣ୍ଡା ଓ ପୂଜକଙ୍କ ଗହଣରେ ଘଣ୍ଟି, ବୀରକାହାଳୀ ଓ ମୃଦଙ୍ଗ ସହ ସଙ୍କୀର୍ତ୍ତନ ଓ ଓଡିଶୀ ନୃତ୍ୟର ତାଳେ ତାଳେ ଯଥାକ୍ରମେ ପ୍ରଭୂ ସୁଦର୍ଶନ, ମହାପ୍ରଭୂ ବଳଭଦ୍ର, ମାତା ସୁଭଦ୍ରା ଓ ଶ୍ରୀ ଜଗନ୍ନାଥଙ୍କୁ ପହଣ୍ଡିରେ ନିଆଯାଇ ରଥାରଢ କରାଯାଇଥିଲା। ପାଗ ଅନୁକୂଳ ଥିବାରୁ ଏହି ଉତ୍ସବରେ ଜିଲାର ବିଭିନ୍ନ ସ୍ଥାନରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା । ପୂର୍ବ ପରମ୍ପରା ଅନୁଯାୟୀ ଶନିବାର ଓ ରବିବାର ଦୁଇଦିନ ଧରି ରଥ ଟଣାଯିବା ପରେ ତିନିଠାକୁରଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନିଆଯିବ।

**ବଡ଼ଗାଁ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ରଥଯାତ୍ରା ଶାନ୍ତିଶୃଙ୍ଖଳାରେ ସମାପନ ହୋଇଛି। ଅପରାହ୍ନରେ ମନ୍ଦିରରୁ ତିନି ଠାକୁରଙ୍କୁ ନୀତିକାନ୍ତି ଅନୁଯାଇ ଭକ୍ତମାନେ ଆଣି ରଥାରୂଢ଼ କରାଇଥିଲେ। ଏହାପରେ ରଥ ଟାଣି ଭକ୍ତମାନେ ଲଟାଗାଁରେ ଥିବା ମାଉସୀ ମା ମନ୍ଦିରକୁ ଅଣାଯାଇଥିଲା। ତିନି ଠାକୁର ତାଙ୍କ ମାଉସୀ ଘରେ ୯ ଦିନ ରହିବେ। ଛେରା ପହରା ଗାଁର ଗୌନ୍ତିଆ ବଂଶର ସ୍ୱାଗତ ପାଣିଗ୍ରାହୀ, ପ୍ରତାପ ପାଣିଗ୍ରାହୀ, ହରିଶଙ୍କର ପାଣିଗ୍ରାହୀ, କୁଳଦୀପ ପାଣିଗ୍ରାହୀ, ଚୁନୁ ପାଣିଗ୍ରାହୀ, ଦତ୍ତତ୍ରୟ ପାଣିଗ୍ରାହୀ, ତୁଷାର ରଞ୍ଜନ ପାଣିଗ୍ରାହୀ,ପରମାନନ୍ଦ ପାଣିଗ୍ରାହୀ ଛେରା ପହରା କରାଇଥିଲେ ଓ ନିତ୍ୟାନନ୍ଦ ନାୟକ ପୂଜା କାର୍ଯ୍ୟ ତୁଲାଇଥିଲେ।

**ଲେଫ୍ରିପଡା,(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ଅଞ୍ଚଳରେ ରଥଯାତ୍ରା ଉପଲକ୍ଷେ ଶୁକ୍ରବାର ଚଳଚଞ୍ଚଳ ହୋଇଥିଲା । ବିଗତ ଦୁଇ ବର୍ଷ ଧରି ଯାନିଯାତ୍ରାକୁ କରୋନା ମହାମାରୀ ଗ୍ରାମାଞ୍ଚଳରେ ଲୋକଙ୍କ ଖୁସିକୁ ଛଡାଇ ରଖିଥିବା ବେଳେ ଚଳିତବର୍ଷ ରଥଯାତ୍ରା ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଆଣି ଦେଇଥିଲା । ଲେଫ୍ରିପଡା ପଟୁଆଡିହି, କୁଲାବିରା, ସର୍ଗିପାଲି, ଦର୍ଲିପାଲି ଇତ୍ୟାଦି ଗାଁରେ ବେଶ ଆନନ୍ଦର ସହିତ ରଥଯାତ୍ରା ପାଳିତ ହୋଇଛି । ମନ୍ଦିରମାନଙ୍କରେ ଶ୍ରଦ୍ଧାଳୁଙ୍କ ବେଶ ଭିଡ ଜମିଥିଲା । ବର୍ତ୍ତମାନ ରଥଯାତ୍ରା ଏବଂ ବାହୁଡା ଯାତ୍ରାକୁ ଗ୍ରାମାଞ୍ଚଳରେ ଆଷାଢ଼ ପୂର୍ଣିମା ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମମାନଙ୍କରେ ପାଳନ ହେବା ଜଣାପଡିଛି।

**ରାଜଗାଙ୍ଗପୁର (ଡି.ଏନ.ଏ):** ରାଜଗାଙ୍ଗପୁର ସହରାଞ୍ଚଳ ତଥା ପଞ୍ଚାୟତ ଅଞ୍ଚଳରେ ରଥଯାତ୍ରା ଭକ୍ତମାନଙ୍କ ଦ୍ୱାରା ହର୍ଷୋଲ୍ଲାସ ସହ ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳର ଲିପଲୋଇ ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କର ରଥ ଟଣା ହୋଇଥିଲା ବେଳେ କୁମାରକେଲା ଜଗନ୍ନାଥ ମନ୍ଦିରରୁ ୩ଟି ରଥ ଟଣା ହୋଇଥିଲା। ପଞ୍ଚାୟତ ଅଞ୍ଚଳରେ ଲାଇଙ୍ଗ, କାଂସବାହାଲ,କୁଟୁଣିଆ ଠାରେ ରଥଟଣା ହୋଇଥିଲା ।

**କୁଟିଣ୍ଡା (ଡି.ଏନ.ଏ.):** ଦୁଇବର୍ଷର ବ୍ୟବଧାନ ପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଦେଖିବାକୁ ଶୁକ୍ରବାର କୁଟିଣ୍ଡାରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଚଳିତ ରଥ ଯାତ୍ରାରେ ରଥାରୂଢ ଦିଅଁଙ୍କୁ ଦର୍ଶନ କରି ଭକ୍ତମାନେ ବେଶ ଉତ୍ସାହିତ ହୋଇଛନ୍ତି। କୁଟିଣ୍ଡା ସହରରେ ଅନୁଷ୍ଠିତ ରଥଯାତ୍ରାରେ କୁନିକୁନି ପିଲାମାନେ ଦିଅଁଙ୍କୁ ଛୁଇଁ ବେଶ ଖୁସି ଅନୁଭବ କରିଥିଲେ। ବକ୍ସମା, ପାରୁଆଭାଡି, ଗୋଛରା, ବାମରା, କେଶାଇବାହାଲ ଆଦି ଗ୍ରାମରେ ହୋଇଥିବା ରଥଯାତ୍ରାରେ ମଧ ପ୍ରବଳ ଜନସମାଗମ ହୋଇଥିଲା।

**ବ୍ରଜରାଜନଗର(ଡି.ଏନ.ଏ.)**

ବ୍ରଜରାଜନଗରରେ ଚଳିତବର୍ଷ ରଥଯାତ୍ରା ଶାନ୍ତିଶୃଙ୍ଖଳା ସହିତ ସମାପନ ହୋଇଛି। ମହାପ୍ରଭୁଙ୍କ ନୀତିକାନ୍ତି ପରେ ଅପରାହ୍ନରେ ମନ୍ଦିର କମିଟିର ପୂର୍ବତନ ସଭାପତି ହରିହର ବେହେରା ଛେରାପହଁରା କରିଥିଲେ। ପରେ ରଥଟଣା ଆରମ୍ଭ ହୋଇଥିଲା। ଜଗନ୍ନାଥ ସେନା ଓ ମାରୱାଡି ଯୁବମଞ୍ଚ କର୍ମକର୍ତ୍ତା ରଥଟଣା କାର୍ଯ୍ୟରେ ସହାୟତା କରିଥିଲେ। ରାତି ୮ଟା ସମୟରେ ଗୁଣ୍ଡିଚା ମନ୍ଦିରରେ ରଥ ପହଞ୍ଚିଥିଲା।

## ନିଆରା ପରମ୍ପରା ରଥଛୁଆଁ ନୀତି

**ସମ୍ବଲପୁର, ୧୭ (ବ୍ୟୁରୋ)**

- ୨୫ ଜଗନ୍ନାଥ ମନ୍ଦିରରେ ରଥଟଣା
- ଆକର୍ଷଣ ସାଜିଲା କୁନିପିଲାଙ୍କ ରଥଯାତ୍ରା

ଶକ୍ତିପୀଠ ଭାବେ ଐତିହାସିକ ସମ୍ବଲପୁର ସହରର ସ୍ୱତନ୍ତ୍ର ପରିଚୟ ରହିଛି। ସହରରେ ଜଗନ୍ନାଥ ସଂସ୍କୃତି ମଧ୍ୟ ନିଆରା। ମୋଟ ୨୭ଟି ଜଗନ୍ନାଥ ମନ୍ଦିର ଥିବାବେଳେ ୨୫ଟିରେ ଶୁକ୍ରବାର ରଥ ଟଣା ହୋଇଛି। କୁନି ପିଲାଙ୍କ ରଥଯାତ୍ରା ଅନ୍ୟତମ ଆକର୍ଷଣ ଥିଲା।

ଜଗତର ନାଥ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାରେ ମୁଖରିତ ହୋଇଥିଲା ଜଗନ୍ନାଥ ମନ୍ଦିର। ପଶ୍ଚିମ ଓଡ଼ିଶାର ବିଶେଷ ପରମ୍ପରା ଅନୁସାରେ ରଥ ଛୁଆଁ ସକାଶେ ଭକ୍ତଙ୍କ ଭିଡ ଲାଗିଥିଲା। ପ୍ରାୟ ୧ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ରଥ ଓ ଠାକୁରଙ୍କୁ ସ୍ପର୍ଶ କରାଯାଇଥିଲା। ହେଲେ ଅଭିଭାବକମାନେ ପିଲାଙ୍କ ଲାଗି ଆଶୀର୍ବାଦ ଭିକ୍ଷା କରିଥିଲେ। ସହରର ସର୍ବପୁରାତନ ଝାଡୁଆପଡ଼ାର ବ୍ରହ୍ମପୁରା ଠାକୁରଙ୍କ ଭୋର ସାଢ଼େ ୪ଟାରେ ମଙ୍ଗଳ ଆଳତି, ସାଢ଼େ ୬ଟାରେ ସୂର୍ଯ୍ୟପୂଜା ଓ ଖିଚିଡି ଭୋଗ ଲାଗି ନୀତି, ସାଢ଼େ ୮ଟାରେ ଧ୍ୱଜାରୋହଣ, ସାଢ଼େ ୯ଟାରେ ବେଶକାର୍ଯ୍ୟ ଆରମ୍ଭ ହୋଇ ସାଢ଼େ ୧୦ଟାରେ ଶେଷ ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରେ ସୁଦର୍ଶନଙ୍କୁ ଭକ୍ତମାନେ ରଥରୂଢ଼ କରାଇଥିଲେ। ତିନି ଠାକୁରଙ୍କୁ ଧାଡିପହଣ୍ଡିରେ ବିଜେ କରାଯାଇଥିଲା। ଅପରାହ୍ନ ୧ଟାରେ ପଶ୍ଚିମ ଓଡିଶାର ନିଆରା ପରମ୍ପରା ରଥଛୁଆଁ ନୀତି ହୋଇଥିଲା। ୨ଟାରେ ଅନ୍ନଭୋଗ ପରେ ୪ଟାରେ ରଥଟଣା ଯାଇଥିଲା। ଅମରନାଥ ସୁପକାର ଛେରାପହଁରା କରିଥିଲେ। ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ପୂଜାକାର୍ଯ୍ୟ ତୁଲାଇଥିଲେ। ଟ୍ରଷ୍ଟବୋର୍ଡ ସଭାପତି ସରୋଜ ଦଳପତ, ଅଭିଷେକ ମିଶ୍ର, ଧିନା ପ୍ରଧାନ ପ୍ରମୁଖ ରଥଯାତ୍ରା ପରିଚାଳନା କରିଥିଲେ। ସେହିପରି ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା ଠାକୁର, ହାଟପଡ଼ାର ସତ୍ୟବାଦୀ, ଦଲେଇପଡ଼ାର ମଦନ ମୋହନ ଓ ଲିଆଖାଇ, ନନ୍ଦପଡ଼ାର ଯଜ୍ଞବରାହ, ଗୁରୁପଡ଼ାର ଟିମିନି, ବାଲିବନ୍ଧାର କୋଠା ମହାପ୍ରଭୁ, ମୁଦିପଡ଼ାର ଜଗନ୍ନାଥ, ମଠପାଲିର ରାନିମଠ, ଭତ୍ରାର ରାମଜୀ ମଠ, ଧନୁପାଲିର ଗୋପାଳଜୀ, କମଳିବଜାର ଗୋପାଳଜୀ ମଠର ଜଗନ୍ନାଥ, ବୁଢ଼ାରଜା, ଧନକଉଡ଼ା, ଗୋଲବଜାର, କ୍ଷେତରାଜପୁର, ବଡ଼ବଜାର, ବାଲିବନ୍ଧାର ରଘୁନାଥଜୀଉ ମନ୍ଦିରରେ ଜଗନ୍ନାଥଙ୍କ ରଥଯାତ୍ରା ହୋଇଛି। ପ୍ରଚଳିତ ଲୋକଗୀତ ଅନୁସାରେ ବ୍ରହ୍ମପୁରା ମହାପ୍ରଭୁଙ୍କ ପହଣ୍ଡି ହେବାପରେ ଅନ୍ୟ ଜଗନ୍ନାଥଙ୍କ ପହଣ୍ଡି ବିଧି ହୋଇଥିଲା। ବାଲିବନ୍ଧା ରଘୁନାଥ ଜୀ ଓ କମିଶନର୍ସ କଲୋନୀ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। କିନ୍ତୁ ରଥ ଟଣା ହୋଇନାହିଁ। ରାମଜୀ ଗୁଡି ନିକଟ କୁଠା ଜଗନ୍ନାଥ ରଥାରୂଢ଼ ହୋଇଥିଲେ ବି ରଥ ଟଣା ହୋଇ ନ ଥିଲା। ଅଇଁଠାପାଲି ଶୁଭଶ୍ରୀ ବିହାର ନିବାସୀ ୧୮ ବର୍ଷିୟ ଜ୍ୟୋତିରାଦିତ୍ୟ ମହାନ୍ତିଙ୍କ ତିନିରଥ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ୫ଫୁଟ ଉଚ୍ଚତା ବିଶିଷ୍ଟ ତିନିଟି ରଥ ଶାଳ କାଠ, ପ୍ଲାଏ, କାର୍ଡବୋର୍ଡ, କପଡା, ରଙ୍ଗ ବ୍ୟବହାର କରି ତିଆରି କରିଛନ୍ତି। ଏଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ରଥ ଟଣାଯାଇଥିଲା।

## ରଥମୟ ହେଲା ଇସ୍ପାତସହର

**ରାଉରକେଲା ଅଫିସ,୧୭**

ରାଉରକେଲା ଇସ୍ପାତ ସହରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ଶୁକ୍ରବାର ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ପ୍ଲାଣ୍ଟସାଇଟ୍ ସ୍ଥିତ ଜଗନ୍ନାଥ ଉନ୍ନୟନ କମିଟି ପକ୍ଷରୁ ୧୮ତମ ରଥଯାତ୍ରା ଉତ୍ସବ ଅଧ୍ୟକ୍ଷ ପ୍ରସନ୍ନ ସେନାପତିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ମନ୍ଦିର ମୁଖ୍ୟପୂଜକ ମଧୁସୂଦନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରଥମେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ସାଢ଼େ ୪ଟାରେ ରାଜା ଚିତ୍ତରଞ୍ଜନ ରାଉତଙ୍କ ଦ୍ୱାରା ଛେରାପହଁରା ହେବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ରଥକୁ ଅଣାଯାଇଥିଲା। ଏହି ରଥ ପ୍ଲାଣ୍ଟସାଇଟ୍‌ରୁ ବାହାରି ପାୱାରହାଉସ୍ ରୋଡ୍ ସ୍ଥିତ ମା' ମଙ୍ଗଳା ମନ୍ଦିରକୁ ଯାଇଥିଲା। ସେହିପରି ସେକ୍ଟର-୩ ଜଗନ୍ନାଥ ମନ୍ଦିର ରଥରେ ପଣ୍ଡିତ ତ୍ରିନାଥ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅପରାହ୍ନ ସାଢ଼େ ୩ଟାରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଛେରାପହଁରା କରିଥିଲେ। ଏହି ରଥ ସେକ୍ଟର-୩ ମନ୍ଦିର ପରିସରରୁ ବାହାରି ସେକ୍ଟର-୫ ସ୍ଥିତ ମାଉସୀ ମା' ମନ୍ଦିରକୁ ଯାଇଥିଲା। ବାସନ୍ତୀ କଲୋନୀ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସଭାପତି ରବିନ୍ଦ୍ର ମୋହନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ପାଳିତ ହୋଇଛି। ଅପରାହ୍ନ ୧ଟା ସମୟରେ ମହାପ୍ରଭୁଙ୍କ ପହଣ୍ଡି ହୋଇଥିଲା। ପରେ ଡକ୍ଟର ଗୋପବନ୍ଧୁ ବଳ ଛେରାପହଁରା କରିଥିଲେ। ଏହି ରଥ ବାସନ୍ତୀ କଲୋନୀ ଜଗନ୍ନାଥ ମନ୍ଦିରରୁ ବାହାରି ଇଏଲ ବ୍ଲକ ସ୍ଥିତ ମାଉସୀ ମା' ମନ୍ଦିର ଯାଇଥିଲା। କମିଟି ଉପସଭାପତି ରାସ ବିହାରୀ ସାମଲ, ସମ୍ପାଦକ ଅକ୍ଷୟ କୁମାର ଦାସ, ସହ ସମ୍ପାଦକ ସୁରେଶ ଅଗ୍ରୱାଲ, ପ୍ରଫୁଲ୍ଲ ସାହୁ, ତପନ ମିଶ୍ର, ପ୍ରମୋଦ କୁମାର ଦାସ, ନରେନ୍ଦ୍ର ସାହୁ, ସୂର୍ଯ୍ୟ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସେକ୍ଟର-୬ ସ୍ଥିତ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରଥଯାତ୍ରା ପାଳିତ ହୋଇଛି। ଏହି ରଥ ସେକ୍ଟର-୮ ସ୍ଥିତ ମାଉସୀ ମା ମନ୍ଦିରକୁ ଯାତ୍ରା କରିଥିଲା। ସେହିପରି ସହରର ହନୁମାନ ବାଟିକା ଜଗନ୍ନାଥ ମନ୍ଦିର, ଉଦିତନଗର ପଞ୍ଚଦେବ ଟ୍ରଷ୍ଟ ମନ୍ଦିର, ଦେଓଗାଁ, ଫର୍ଟିଲାଇଜର, ପାନପୋଷ, ସିଭିଲଟାଉନସିପ୍, କୋଏଲନଗର, ଝିରପାଣି ଜଗନ୍ନାଥ ମନ୍ଦିରରେ ଶାନ୍ତିପୂର୍ଣ୍ଣ ସହ ରଥଯାତ୍ରାକୁ ପାଳନ କରାଯାଇଥିବା ପରିଲକ୍ଷିତ ହୋଇଛି।

## ୨ବର୍ଷ ପରେ ବଡ଼ଦାଣ୍ଡରେ ଗଡ଼ିଲା ରଥ

**ଝାରସୁଗୁଡ଼ା ଅଫିସ,୧୭:** ଝାରସୁଗୁଡା ଜିଲାର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହୋଇଛି। ୨ବର୍ଷ ପରେ ଶ୍ରଦ୍ଧାଳୁମାନେ ରଥ ଟାଣି ବେଶ୍ ଉତ୍ସାହିତ ଥିବା ପରିଲକ୍ଷିତ ହୋଇଥିଲା। ବନ୍ଧବାହାଲ ଶିଳ୍ପାଞ୍ଚଳ ଜଗନ୍ନାଥ ମନ୍ଦିର ଦୀନବାନ୍ଧବ କ୍ଷେତ୍ରରେ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ପ୍ରବନ୍ଧକ ସଞ୍ଜୟ କୁମାର ଝା ରଥରେ ଛେରାପହଁରା କରିଥିବାବେଳେ ମନ୍ଦିର ମୁଖ୍ୟପୂଜକ ବିଶ୍ୱନାଥ ତ୍ରିପାଠୀ, ପ୍ରଫୁଲ୍ଲ କୁମାର ପାଢୀ, ପ୍ରଫୁଲ୍ଲ କୁମାର ପଣ୍ଡା, ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ପୂଜାକାର୍ଯ୍ୟ ତୁଲାଇଥିଲେ। ବ୍ରାହ୍ମଣ ସମାଜ ସଭାପତି ବାଳକୃଷ୍ଣ ମିଶ୍ର, ସମ୍ପାଦକ ରାମଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ନିରଞ୍ଜନ ପତି ପ୍ରମୁଖ ସହଯୋଗ କରିଥିଲେ। ଗୁମାଡେରା ଜଗନ୍ନାଥ ମନ୍ଦିର ଆର୍ତ୍ତତ୍ରାଣ କ୍ଷେତ୍ରରେ ଜମିଦାର ବ୍ରଜ କିଶୋର ସିଂହଦେଓ ଛେରାପହଁରା କରିଥିବାବେଳେ ଗୌନ୍ତିଆ ଦୁବରାଜନ ନାୟକ ସହଯୋଗ କରିଥିଲେ। ମନ୍ଦିର ପୂଜକ ବ୍ରଜ ସୁନ୍ଦର ଶତପଥୀ ଓ ରଙ୍ଗାଧର ପଣ୍ଡା ପୂଜାକାର୍ଯ୍ୟ ତୁଲାଇଥିଲେ। ବେଲପାହାଡ ପୌରାଧ୍ୟକ୍ଷ ନିମାଇଁ ଚରଣ ପଣ୍ଡା, ଡ. ତୁଷାରକାନ୍ତି ଦାସ, କହ୍ନେଇ ଚରଣ ସେଠ୍ ପ୍ରମୁଖ ସହଯୋଗ କରିଥିଲେ। ବେଲପାହାଡ ସମଡା ଜଗନ୍ନାଥ ମନ୍ଦିର ପ୍ରାଚୀନ କ୍ଷେତ୍ରରେ ମନ୍ଦିର କମିଟି ସଭାପତି ଅନିଲ ଅଗ୍ରୱାଲ ଛେରାପହଁରା କରିଥିବାବେଳେ କାର୍ଯ୍ୟକାରୀ ସଭାପତି ଗୁଣନିଧି ପତି, ଶ୍ୟାମ ସୁନ୍ଦର ଶତପଥୀ, ଭାସ୍କର ପଟେଲ, ପାରଶ ଜୟସ୍ୱାଲ, ରାଜ କୁମାର ଅଗ୍ରୱାଲ, ପ୍ରଚଣ୍ଡ ଜୟସ୍ୱାଲ ପ୍ରମୁଖ ସହଯୋଗ କରିଥିଲେ। ଝାରସୁଗୁଡା ବ୍ଲକ୍ କୁକୁରଜଙ୍ଘା ଗ୍ରାମର ଜଗନ୍ନାଥ ମନ୍ଦିର ରଥଯାତ୍ରାରେ ଗ୍ରାମର ଜମିଦାର ଅନିଲ ଉଦ୍ଧବ ସିଂହ ଛେରାପହଁରା କରିଥିବାବେଳେ ମଠ ମହନ୍ତ ପ୍ରେମାନନ୍ଦ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ରଥଟଣା ହୋଇଥିଲା। ଅକ୍ଷୟ ମିଶ୍ର ପୂଜାକାର୍ଯ୍ୟ ତୁଲାଇଥିଲେ । ଏସ୍‌ପି ରାହୁଲ ଜୈନ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଝାରସୁଗୁଡା ସହରର ସରବାହାଲ, ଝଣ୍ଡାଛକ, ଧର୍ମଶାଳା, ମାରୁଆଡିପଡା, ପୁରୁଣାବସ୍ତି, ବିଟିଏମ୍ ଆଦି ଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଟିଏମ୍‌ରେ ରଥ ଅଖ ଭାଙ୍ଗିଯିବା ଫଳରେ ମହାପ୍ରଭୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ନ ପାରି ଅଧାରାସ୍ତାରେ ଅଟକି ରହିଛନ୍ତି।

## କୋଲାବିରା: ସାମୂହିକ ଘଣ୍ଟବାଦ୍ୟ ଆକର୍ଷଣ

**କୋଲାବିରା (ଡି.ଏନ.ଏ.):** ଝାରସୁଗୁଡା ଜିଲା କୋଲାବିରାଠାରେ ଶୁକ୍ରବାର ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଟୁଆରରେ ଶ୍ରୀଜଗନ୍ନାଥ ମାଉସୀ ମା' ମନ୍ଦିରରେ ପହଞ୍ଚିଛନ୍ତି। ରଥ ଉପରେ ବିଗ୍ରହଙ୍କୁ ଦର୍ଶନ କରିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଥିଲା। ନୀତିରୀତି ତଥା ପରମ୍ପରା ମୁତାବକ ମଇଲମ ଆଳତି, ପହଣ୍ଡି ଭୋଗ ସହ ଯଥାରୀତି ପୂଜା ହେବାପରେ କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହଙ୍କ ଦ୍ୱାରା ଛେରାପହଁରା ହୋଇ ତିନିଠାକୁର ରଥାରୂଢ ହେବା ପରେ ଅପରାହ୍ନ ୪ଟାରେ ରଥଟଣା ପର୍ବ ଆରମ୍ଭ ହୋଇଥିଲା। ପୂଜକ ବିଜୟ ପୂଜାରୀ, ଓମ୍‌ପ୍ରକାଶ ପୂଜାରୀ, ସଞ୍ଜୟ ପୂଜାରୀ, ରାଜେଶ ପୂଜାରୀ ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ସ୍ଥାନୀୟ ସାହୁପଡାର ଲଳିତ ସାହୁଙ୍କ ନେତୃତ୍ୱରେ ଲମ୍ବୋଧର ସାହୁ, ଗୋବର୍ଦ୍ଧନ ସାହୁ, ହରିହର ପାତ୍ର, ପ୍ରଫୁଲ୍ଲ ସାହୁ, ଗୁଡୁ ସାହୁ ପ୍ରମୁଖ ସାମୂହିକ ଘଣ୍ଟବାଦ୍ୟ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ, ଯାହା ରଥଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା। ଯାତ୍ରା କମିଟିର ବୀରେନ୍ଦ୍ର କୁମାର ମହାପାତ୍ର, ଦ୍ୱିବେନ୍ଦୁ ଦାସ, ବିନୟ କୁମାର ମହାପାତ୍ର, ସୁବେନ୍ଦୁ ଦାସ, ଶୁଶିଲ କୁମାର ଦାସ, ପ୍ରକାଶ ଚନ୍ଦ୍ର ହୋତା,ମନ୍ମଥନାରାୟଣ ସିଂହ, ଗୋବିନ୍ଦ ଚନ୍ଦ୍ର ଭୋଇଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

**ଷ୍ଟେଟ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର**

ଖଡିଆଲ,(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଲସ୍ଥିତ ଷ୍ଟେଟବ୍ୟାଙ୍କ ପକ୍ଷରୁ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଷ୍ଟେଟବ୍ୟାଙ୍କ ଚିଫ ମ୍ୟାନେଜର ଦେବୀ ପ୍ରସାଦ ମିଶ୍ର ରକ୍ତଦାନ ଶିବିର ଉଦଘାଟନ କରିଥିଲେ। ଏହି ଶିବିରରେ ୧୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଷ୍ଟେଟବ୍ୟାଙ୍କ କର୍ମଚାରୀ ଗରୁଡ ପୋଡ, ସବିତା ଦୀପ, ଲୋପମୁଦ୍ରା ଭୋଇ, ବୈଜୟନ୍ତୀ ମୁଣ୍ଡା, ମନୋରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ଷ୍ଟେଟବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ଚିଫ ମ୍ୟାନେଜର ମିଶ୍ର ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

**ଫାଣ୍ଡି ଅଧିକାରୀ ଗାଡ଼ିରେ ନେଲେ**

ଦେଓଗାଁ,୧୭(ଡି.ଏନ.ଏ.): ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ବନ୍ଧପଡା ପଞ୍ଚାୟତ ଅଫିସ ସମ୍ମୁଖରେ ଜଣେ ଯୁବକ ବାଇକ୍‌ରୁ ପଡି ଗୁରୁତର ଆହତ ହୋଇଛନ୍ତି । ଖବର ପାଇ ବନ୍ଧପଡା ଫାଣ୍ଡି ଅଧିକାରୀ ସରୋଜ କୁମାର ରଥ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭର୍ତ୍ତି କରିଛନ୍ତି । ଆମ୍ବୁଲାନ୍ସ ଆସିବାକୁ ଫୋନ କରାଯାଇଥିଲେ ମଧ କୌଣସି ଉତ୍ତର ନ ମିଳିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଫଳରେ ଫାଣ୍ଡି ଅଧିକାରୀ ରଥ ଆହତ ଯୁବକଙ୍କୁ ନିଜ ଗାଡିରେ ଡାକ୍ତରଖାନା ନେଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଆହତ ଯୁବକଙ୍କ ପରିଚୟ ମିଳିପାରିନାହିଁ ।

### ସତ୍ୟସାଇ ସମିତି ପକ୍ଷରୁ ରକ୍ତଦାନ ଶିବିର

ଦେଓଗାଁ,୧୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାଠାରେ ତୁଷୁରା ସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଦେଓଗାଁ ତହସିଲଦାର ଯୁଗଲ କିଶୋର ବିଶ୍ୱାଲ ଓ ଜିଲା ସାଇ ସଂଗଠନ ସଭାପତି ମନୋଜ କୁମାର ମହାପାତ୍ର ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ ।ଏଥିରେ ବଲାଙ୍ଗୀର ଜିଲା ସାଇ ସଂଗଠନ ଶିକ୍ଷା ସଂଯୋଜକ ଗୋବିନ୍ଦ ମେହେର ସଭାପତିତ୍ୱ କରିଥିଲେ । ଶିବିରରେ ଅନୁଷ୍ଠାନର ୨୭ ଜଣ ରକ୍ତଦାନ କରିଥିଲେ । କାର୍ଯ୍ୟକ୍ରମକୁ ସମିତି ଆବାହକ ପ୍ରଦୀପ କୁମାର ସାହୁ, ଶ୍ରୀବଚ୍ଛ ରଣା, ରମେଶ ଚନ୍ଦ୍ର ପାଣିଗ୍ରାହୀ, ବିନୋଦ ବିହାରୀ ସାହୁ, ଶ୍ରୀକୃଷ୍ଣ କୁମାର ସାହୁ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥଲେ ।

### ଜିଲାରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ

ନୂଆପଡ଼ା ଅଫିସ,୧୭: ନୂଆପଡା ଜିଲାରେ ବୁଲା କୁକୁରଙ୍କ ଦୋରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ରାଜପଥ ଉପରେ ସବୁ ବେଳେ ଟ୍ରାଫିକ ଜାମ କରୁଥିବାରୁ ଛୋଟବଡ ଅନେକ ଦୁର୍ଘଟଣା ଘଟୁଛି। କୌଣସି ଖାଇବା ଜିନିଷ ଧରି ଯାଉଥିଲେ ହାତରୁ ଟାଣି ନେଇଯାଉଛନ୍ତି। ଖାଇବା ଜିନିଷ ବେଗରେ ସାଇକେଲ କିମ୍ବା ମୋଟରସାଇକେଲରେ ରଖିଥିଲେ ମଧ୍ୟ ଟାଣି ନେଉଥିବା ଅଭିଯୋଗ ହେଉଛି। ନୂଆପଡା ସହର ଲୋକେ ସନ୍ଧ୍ୟା ଓ ସକାଳେ ମର୍ନିଂ ୱାକ୍‌ରେ ଯାଉଥିଲେ। ବୁଲା କୁକୁର ଦୌଡାଇବା ସହିତ କେତେ ଜଣଙ୍କୁ ଆଘାତ କରିବାରୁ ଭୟରେ ଆଉ ଯାଉନାହନ୍ତି। ଗାଁ ଗହଳିରେ ଗାଈ ବାଛୁରୀ, ଛେଳି, ମେଣ୍ଢା, କୁକୁଡା, ବତକ ଭଳି ଗୃହପାଳିତ ପଶୁ ଖାଇ ଯାଉଛନ୍ତି। ଯେଉଁ ଲୋକ ଛଡାଇବା ପାଇଁ ଗଲେ ତାକୁ ଦୌଡାଇବାରେ ଲାଗନ୍ତି। ସବୁବେଳେ ଦଳ ଦଳ ହୋଇ ରହୁଛନ୍ତି। ଜିଲାରେ କୁକୁର ସଂଖ୍ୟା ଏତେ ପରିମାଣରେ ବଢି ଚାଲିଛି ଯେ ରାସ୍ତାରେ ଚାଲିଯିବା ମୁସକିଲ ହୋଇଯାଉଛି। କୁକୁର ଭୟରେ ସହର ଭିତରେ ଅଧିକାଂଶ ଲୋକ ହାତରେ ବାଡି ଧରି ବାଟ ଚାଲୁଛନ୍ତି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

### ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କର୍ଲାମୁଣ୍ଡା,୧୭(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଚତୁର୍ଥଶ୍ରେଣୀ କର୍ମଚାରୀ ଗୋବର୍ଦ୍ଧନ କୁମାରଙ୍କୁ ଗୁରୁବାର ଅବସରକାଳିନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ସଭାରେ ବିଇଓ ତପିମଣି ଜାନୀ ଅଧକ୍ଷତା କରିଥିଲେ। ଏଥିରେ ଅବସରପ୍ରାପ୍ତ ବିଇଓ ଆଲୁମାଲୁ ଭୀମ ରାଜ, ଏବିଇଓ ସହଦେବ ସୁନା, ସିଆରସିସି ଅନ୍ତର୍ଯ୍ୟାମୀ ମଲ୍ଲିକ, ମଧୁସୂଦନ ଧରୁଆ, ହେମନ୍ତ ନାଏକ, ସଞ୍ଜୟ ଦାଶ, ପ୍ରଶାନ୍ତ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ସାହୁ, ଡମ୍ବରୁଧର ପାତ୍ର, ଶିକ୍ଷକ ସଂଘ ସଭାପତି ରୋହିତ ରଣା, ସମ୍ପାଦକ ସୁଦର୍ଶନ ସାହୁ, ଉଜ୍ଜଳ ସାହୁ, ପ୍ରେସକ୍ଲବ ସଭାପତି ନରୋତ୍ତମ ସେଲମା, ସମ୍ପାଦକ ପ୍ରଦୀପ କୁମାର ସାହୁ, କମ୍ବୁପାଣି ସାହୁ, ଭଜଶ୍ୟାମ ସାହୁଙ୍କ ସମେତ ଶତାଧିକ ଶୁଭେଚ୍ଛୁ, ଶିକ୍ଷକ, କର୍ମଚାରୀ ଯୋଗଦେଇଥିଲେ।

# ନୂଆପଡ଼ା: ସ୍ୱାଭାବିକଠାରୁ କମ୍ ବର୍ଷା

ନୂଆପଡ଼ା ଅଫିସ,୧୭

**ଚାଷ କାମ ଆଗେଇ ପାରୁନି, ଚିନ୍ତାରେ ଚାଷୀ**

ଆଦିବାସୀ ଅଧୁଷିତ ନୂଆପଡା ଜିଲାରେ ୮୦ % ଲୋକେ ଚାଷ ଉପରେ ନିର୍ଭର କରନ୍ତି। ଜିଲାରେ ଧାନ ଅପେକ୍ଷା ଅଣଧାନ ଚାଷ ପ୍ରତି ଚାଷୀ ଅଧିକ ମନ ବୋଳାଉଛନ୍ତି। କପା, ମକା ଭଳି ଚାଷକୁ ଅଧିକ ପ୍ରାଧାନ୍ୟ ଦେଇ ଚାଷୀ ଜମି ପ୍ରସ୍ତୁତ କରି ବର୍ଷାକୁ ଅନାଇ ବସିଛି। ସ୍ୱାଭାବିକଠାରୁ କମ ବର୍ଷା ହେବାରୁ କପା, ମକା ପାଇଁ ଉପଯୋଗୀ ନୁହେଁ। ଯେଉଁମାନେ କପା ଓ ମକା ତଳି ପକାଇଛନ୍ତି, ବର୍ଷା ଅଭାବରୁ ଗଜା ହୋଇ ପାରୁନାହିଁ। ଜୁନ ମଧ୍ୟଭାଗରେ ଜମି ପ୍ରସ୍ତୁତ କରି ଶେଷ ଭାଗରେ କପା ଓ ମକା ତଳିପକା କାର୍ଯ୍ୟ ଶେଷ ହୋଇ ଜୁଲାଇ ପ୍ରଥମ ସପ୍ତାହ ବେଳକୁ କୋଡାଖୋସା କାର୍ଯ୍ୟ ଆରମ୍ଭ ହୋଇଥାଏ। ବର୍ଷା ଅଭାବରୁ ଚାଷୀ ବର୍ତ୍ତମାନ ସୁଦ୍ଧା କପା, ମକା ତଳି ପକା କାମ ଶେଷ କରି ପାରୁନାହାନ୍ତି। ଜୁନ ଶେଷ ଭାଗକୁ ପ୍ରାକ୍ ମୌସୁମୀ ବର୍ଷା ହେବାରୁ ଚାଷୀ ଜମିକୁ ପ୍ରସ୍ତୁତ କରିରଖିଥିଲେ। ଜୁଲାଇ ପ୍ରଥମ ସପ୍ତାହ ବେଳକୁ ମୌସୁମୀ ବର୍ଷା ହେବାରୁ ଚାଷୀ ତଳିପକ୍କା ବା ଧାନ ବୁଣିବା ଆରମ୍ଭ କରିଦେଲା। ମୌସୁମୀ ବର୍ଷା ଉଭାନ ହୋଇ ଯିବାରୁ ବୁଣିଥିବା ଧାନ ସବୁ ଗଜା ନ ହେବାରୁ ଚାଷୀ ଚିନ୍ତାରେ ପଡି ଯାଇଛନ୍ତି। କ୍ରମାଗତ ୩ ବର୍ଷ ମରୁଡି ସତ୍ତ୍ୱେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳି ନ ଥିବାରୁ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଇଛି। ବିହନ, ହଳ ନଙ୍ଗଳ ଯୋଗାଡ କରିବାରେ ଅସୁବିଧା ସମ୍ମୁଖିନ ହେବାକୁପଡୁଛି। ଅନ୍ୟପଟେ ବର୍ଷା ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରି ଦେଉଛି। ଠିକ ସମୟରେ ଚାଷୀ ଚାଷ କରିପାରୁ ନ ଥିବାରୁ ଚିନ୍ତାର କାରଣ ହୋଇଛି। ଜିଲାରେ ଚାଷୀ ଜୁନ ମାସ ମଧ୍ୟଭାଗରେ ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି। ମୌସୁମୀ ବର୍ଷା ଦେଖି ଚାଷ କାର୍ଯ୍ୟ ଆଗକୁ ବଢିଥାଏ। ଚଳିତ ବର୍ଷ ଜୁନ ଶେଷ ସପ୍ତାହ ସୁଦ୍ଧା ଜିଲାରେ ୭୩୬.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯାହାକି ଆବଶ୍ୟକଠାରୁ ୨୨ ପ୍ରତିଶତ କମ ବର୍ଷା। ଜିଲା ଅଧିକାଂଶ ଚାଷୀମାନେ ଧାନ ବୁଣି ସାରଲେଣି। ହେଲେ କମ ବର୍ଷା ଯୋଗୁ ଧାନ ଗଜାହେଉନାହିଁ। ରୁଆ ଚାଷ ପାଇଁ ମଧ୍ୟ ଚାଷୀ ତଳି ପକାଇବା ଭୟ କରୁଛନ୍ତି। ଜିଲାରେ ମୋଟ ୧ ଲକ୍ଷ ୮୮ ହଜାର ୯୮୦ ହେକ୍ଟର ଜମିରୁ ଚଳିତ ଖରିଫ ଋତୁରେ ୯୪ ହଜାର ୫ ଶହ ହେକ୍ଟର ଜମିରେ ଧାନ ଚାଷ କରିବା ଲକ୍ଷ୍ୟ ରଖା ଯାଇଥିବା ବେଳେ ୧୬ ହଜାର ୨ ଶହ ହେକ୍ଟର ଜମିରେ ଅଣଧାନ, ୧୧ ହଜାର ୨୨୦ ହେକ୍ଟର ଜମିରେ କପା ଚାଷ କରିବାକୁ କୃଷି ବିଭାଗ ଲକ୍ଷ୍ୟ ରଖିଛି।

# ବିପଦସଙ୍କୁଳ ଅଙ୍ଗନୱାଡି କେନ୍ଦ୍ରରେ ପାଠପଢ଼ା



ବିପଦସଙ୍କୁଳ ଅଙ୍ଗନୱାଡି କେନ୍ଦ୍ର।

ଖଡ଼ିଆଳ,୧୭(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ନଂ.୨୦ଠାରେ ଥିବା ୧ ନମ୍ବର ଅଙ୍ଗନୱାଡି କେନ୍ଦ୍ର ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିପଦସଙ୍କୁଳ ଏହି କୋଠରୀରେ ଛାତ୍ରୀଛାତ୍ରମାନେ ଅଧ୍ୟନୟନ କରୁଛନ୍ତି। ଏହି ଅଙ୍ଗନୱାଡି କେନ୍ଦ୍ର ୪ ବର୍ଷ ତଳେ ନିର୍ମାଣ ହୋଇଥିବା ବେଳେ କେନ୍ଦ୍ରର ସମସ୍ତ ଚଟାଣ ଭାଙ୍ଗିଯାଇଛି। କୋଠରୀ ଭିତରେ ଲାଗିଥିବା ମାର୍ବଲଗୁଡିକ ଉଠି ବିପଦପୂର୍ଣ୍ଣ ଭାବେ ରହିଛି। କେନ୍ଦ୍ରର ସମସ୍ତ କାନ୍ଥ ଫାଟି ବିପଦସଙ୍କୁଳ ଭାବେ ରହିଛି। ମାର୍ବଲଗୁଡିକ ଉଠି ଯାଇଥିବାରୁ ସେହି ଗର୍ତ୍ତଗୁଡିକରେ ସାପ ତଥା ସରୀସୃପ ଜାତୀୟ ଜିବା ରହିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ କେନ୍ଦ୍ରର ତିନି ପାର୍ଶ୍ୱରେ ଲଟାବୁଦା ଡାଙ୍କି ବିପଦକୁ ଦିଗୁଣିତ କରିଛି। ଏ ନେଇ ଖଡ଼ିଆଳ ସିଡିପିଓ ମନ କୁମାରୀ ଲମ୍ବୋଙ୍କୁ ପଚାରିବାରୁ ସେହି କେନ୍ଦ୍ର ମରାମତି କରିବା ପାଇଁ ବର୍ଷେ ହେଲା ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ହେଲେ ମରାମତି ହୋଇପାରୁନାହିଁ ବୋଲି କହିଥିଲେ। ତୁରନ୍ତ ବିପଦସଙ୍କୁଳ ଅଙ୍ଗନୱାଡି କେନ୍ଦ୍ର ମରାମତି କରି ଶିକ୍ଷାଦାନ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ଯାଦବ ସମାଜ ପକ୍ଷରୁ ସାମୂହିକ ବନୀକରଣ କାର୍ଯ୍ୟକ୍ରମ



ବୃକ୍ଷରୋପଣ ଅବସରରେ ଅତିଥିଙ୍କ ଗହଣରେ ସମାଜର କର୍ମକର୍ତ୍ତାମାନେ।

ମୁରିବାହାଲ.୧୭(ଡି.ଏନ.ଏ.)

**ଏକାସାଙ୍ଗରେ ୧୧ ଗୋଟି ଗ୍ରାମ ପଞ୍ଚାୟତରେ ବୃକ୍ଷରୋପଣ**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଯାଦବ ସମାଜ ପକ୍ଷରୁ ଗୁରୁବାର ସାମୁହିକ ଭାବରେ ବ୍ଲକର ୧୧ ଗୋଟି ସ୍ଥାନରେ ବୃକ୍ଷରୋପଣ କରାଯାଇଛି। ମୁରିବାହାଲ ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଣା ଓ ବ୍ଲକ ସାଧାରଣ ସମ୍ପାଦକ ତରୁଣ ପୋଡ଼ଙ୍କ ନେତୃତ୍ୱରେ ମୁରିବାହାଲ ବଜାରପଡାଠାରୁ ବ୍ଲକ ପର୍ଯ୍ୟନ୍ତ ବନୀକରଣ କରାଯାଇଥିଲା । ପ୍ରାରମ୍ଭରେ ସମାଜ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁରିବାହାଲ ବନାଞ୍ଚଳ ଅଧିକାରୀ ଲିଙ୍ଗରାଜ ଭୋଇ ମୁଖ୍ୟଅତିଥି ରୂପେ ଯୋଗଦେଇ ଯାଦବ ସମାଜ ପ୍ରଚେଷ୍ଟାରେ ୧୧ ଗୋଟି ସ୍ଥାନରେ ସାମୁହିକ ଭାବରେ ବୃକ୍ଷରୋପଣ କରାଯାଉଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସେ ଜଙ୍ଗଲ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ମୁରିବାହାଲ ଫରେଷ୍ଟର ପୁଷ୍ପାଞ୍ଜଳି ଯୋଶୀ,ଗୁଡିଘାଟ ଫରେଷ୍ଟର ଆଦିତ୍ୟ ନନ୍ଦ ଉପସ୍ଥିତ ରହି ବୃକ୍ଷରୋପଣ କରିବା ପଦ୍ଧତି ଉପରେ ଅବଗତ କରିଥିଲେ। ସେହିପରି ଗମ୍ଭାରୀଖୋଲା ଗ୍ରାମଠାରେ ଚକ୍ରଧର ହେର୍ଣ୍ଣା, ପତ୍ରପାଲି(କ) ଗ୍ରାମ ପଞ୍ଚାୟତରେ ଯୁଧିଷ୍ଠିର ଭରାସାଗରିଆ, ପତ୍ରପାଲି (ଖ) ଗ୍ରାମପଞ୍ଚାୟତରେ ଯାଦବ ସମାଜର ବ୍ଲକ ସଭାପତି ତୀର୍ଥ ହାତୀ, ଚଲକୀ ଓ ବନ୍ଧୁପଲା ଗ୍ରାମ ପଞ୍ଚାୟତରେ ଧ୍ରୁବଳେଶର ବାଗ, ଗରଗଡ଼ବାହାଲ ଗ୍ରାମପଞ୍ଚାୟତରେ ଚନ୍ଦ୍ରହାସ୍ୟ ବାଗ, ହଳଦୀଠାରେ ପୁରୋତ୍ତମ ବାଗ, ସୁବାସ ପୋଡ଼ ଙ୍କ ନେତୃତ୍ୱରେ ବୃକ୍ଷରୋପଣ କରାଯାଇଥିଲା । ଏହାଛଡା ବିଟାବନ୍ଧ, ଡଙ୍ଗରପଡା, ଲଖନା,ଟୁପାଉଡ଼ର,ଲେବଡ଼ା ପ୍ରଭୃତି ଗ୍ରାମପଞ୍ଚାୟତରେ ବୃକ୍ଷରୋପଣ କରାଯାଇଛି। ଆଗକୁ ଆହୁରି ୧୧ଟି ଗ୍ରାମପଞ୍ଚାୟତରେ ବନୀକରଣ କାର୍ଯ୍ୟକ୍ରମ କରାଯିବ ବୋଲି ସମାଜ ତରଫରୁ ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ମଧୁସୂଦନ ନାଗ, ସତ୍ୟ ମହାକୁର, ଠିବୁ ବାଗ, ମହେନ୍ଦ୍ର ବାଗ, ଚମ୍ପେଶ୍ୱର ହଂସ, ରାମକୃଷ୍ଣ ଆଡ଼ଜୁଆଡ଼, କୁନ୍ତ ପୋଡ଼, ମାନପତି ସାଣ୍ଡ ପ୍ରମୁଖ ସହଯୋଗ କରିଥିଲେ।

### କୃଷି ସମବାୟ ସମିତି ସଭାପତି ନିର୍ବାଚନ

ଖଡ଼ିଆଳ,୧୭(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ପ୍ରାଥମିକ କୃଷି ସମବାୟ ସମିତିରେ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଗୋପୀନାଥ ରାଉତରାୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଖଡ଼ିଆଳ ସମବାୟ ସମିତିରେ ୧୩-ଜଣ ସମବାୟ ସମିତି ସଦସ୍ୟ ରହିଥିବା ବେଳେ ୩ଜଣ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦିତା କରିଥିଲେ। ସେଥିରୁ ଗୋପୀନାଥଙ୍କ ସପକ୍ଷରେ ୧୦ଟି ଭୋଟ ପଡିଥିବା ବେଳେ ଅନ୍ୟ ୩ଜଣ ସଦସ୍ୟ ଅନୁପସ୍ଥିତ ରହିଥିଲେ। ଫଳରେ ଗୋପୀନାଥ ରାଉତରାୟ ବିଜୟୀ ହୋଇଛନ୍ତି। ଶୁକ୍ରବାର ଖଡ଼ିଆଳ ସମବାୟ ସମିତି କାର୍ଯ୍ୟାଳୟଠାରେ ବିଜୟୀ ସଭାପତିଙ୍କ ସମସ୍ତ ସଦସ୍ୟଙ୍କ ଉପସ୍ଥିତ ରହି ସ୍ୱାଗତ ଜଣାଇଛନ୍ତି।

# ବିଭିନ୍ନ ପ୍ରତିଯୋଗିତା, କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ

ଭବାନୀପାଟଣା,୧୭(ସ୍ୱ.ପ୍ର.)

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଓ ଲେଖକ କଳା ପରିଷଦଠାରେ ଓଡ଼ିଶା ସାହିତ୍ୟ ଏକାଡେମୀର ସନକ୍ଷତ୍ର ଦିବସ ଉପଲକ୍ଷେ ଗୁରୁବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଓ କନିଷ୍ଠ ବର୍ଗରେ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ଓ ଅନୁବାଦ ପ୍ରତିଯୋଗିତା ହୋଇଥିଲା। ଏଥିରେ ଲିଙ୍ଗରାଜ ମିଶ୍ର, କବି ଓ ନାଟ୍ୟକାର ସୋହନଲାଲ ଅଗ୍ରୱାଲ, କବି ସନ୍ତୋଷ ଶତପଥୀ, ଗାଳ୍ପିକ ପ୍ରକାଶ ନିଶଙ୍କ, କବି ବିରଞ୍ଚି ମୁଣ୍ଡ ବିଚାରକ ଭାବେ ଯୋଗଦେଇଥିଲେ। ସଦଭାବନା ସଭାଗୃହରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ନାଟ୍ୟକାର ସୋହନଲାଲ ଅଗ୍ରୱାଲ ଓ କବି ସନ୍ତୋଷ ଶତପଥୀ ଅତିଥି ଭାବରେ ଯୋଗଦେଇଥିଲେ। ୪ଟି ପ୍ରତିଯୋଗିତାର ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୮ଜଣ ଛାତ୍ରୀଛାତ୍ର ଭୁବନେଶ୍ୱରଠାରେ ଜୁଲାଇ ୧୦ ଓ ୧୭ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେମାନେ ହେଲେ ଚିନ୍ମୟୀ ପ୍ରଧାନ, ଭୌମିକ ଭରଦ୍ୱାଜ ଭୋଇ, ଓମଶ୍ରୀ ବାଗ, ସୌମ୍ୟ ରଞ୍ଜନ ମହାକୁଡ଼, ପ୍ରତ୍ୟୁଷ ପଣ୍ଡା, ସୂର୍ଯ୍ୟସ୍ନାତା ଶତପଥୀ, ରୋନକରାଜ ପୁରୋହିତ ଓ କ୍ଷୀତିସା ଦୀପ । ଓଡିଶା ସାହିତ୍ୟ ଏକାଡେମୀ, ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ବିଭାଗ ମିଳିତ ସହଯୋଗରେ ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ପ୍ରଚେତା




ଜୁନାଗଡ,୧୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରର ପ୍ରଚେତା ପ୍ରଜ୍ଞା ପଣ୍ଡା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ଉଚ୍ଚତମ ସୁନ୍ଦର ପଟୋଚିତ୍ର ତିଆରି କରି ସେ ଏହି ସଫଳତା ପାଇଛନ୍ତି। ସେ କରିଥିବା ଏହି ଫଟୋଚିତ୍ରର ଲମ୍ବ ୧୪ ଇଞ୍ଚ ରହିଥିବାବେଳେ ଚଉଡା ୧୮ ଇଞ୍ଚ ରହିଛି। ଏହି ସଫଳତା ପରେ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ବରିଷ୍ଠ ଖବରଦାତା ପ୍ରଶାନ୍ତ ପଣ୍ଡାଙ୍କ ସେ ଏକମାତ୍ର ଝିଅ ଅଟନ୍ତି। ଆଗାମୀ ଦିନରେ ଏପରି ଫଟୋଚିତ୍ର ତିଆରି କରି ଗିନିଜ ବୁକ୍‌ରେ ସ୍ଥାନ ପାଇବାର ସେ ଲକ୍ଷ୍ୟ ରଖିଛନ୍ତି।

## ଠେଙ୍ଗୋ ଡ୍ୟାମ୍‌ରେ ଗାଧୋଇବା ବେଳେ ବୁଡ଼ିଗଲେ ନାବାଳିକା

ଅମରପାଲି,୧୭(ଡି.ଏନ.ଏ.)

**ଅଧୁରା ରହିଲା ରଥଯାତ୍ରା ଦେଖା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଠେଙ୍ଗୋ ଡ୍ୟାମରେ ଗାଧୋଇବା ବେଳେ ବୁଡିଯାଇ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ଜଣକ ହେଲେ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ପଞ୍ଚାୟତ ବାସୁଦେବପୁର(ସଦେଇପୁର)ଗ୍ରାମର ଦିଲୀପ ପଧାନଙ୍କ ଝିଅ ଆସ୍ଥା ପଧାନ(୮)। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଦିନ ଠେଙ୍ଗୋ ଗ୍ରାମରେ ରହୁଥିବା ଆସ୍ଥାଙ୍କ ପିଉସୀଙ୍କ ଝିଅର ଅନ୍ନପ୍ରାସନ୍ନ ଥିଲା। ଏଥିପାଇଁ ସବୁ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଥିଲା। ଘରେ ପୂଜା ପାଇଁ ଉତ୍ସବର ମାହୋଲ ଥିଲା। ଅନ୍ନ ପ୍ରାସନ୍ନ ଉତ୍ସବ ପରେ ପରିବାରର ସମସ୍ତଙ୍କ ସହିତ କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ରକୁ ରଥଯାତ୍ରା ଦେଖିଯିବାର ଥିଲା। ପୂର୍ବାହ୍ନରେ ତାଙ୍କ ପିଉସୀ ଘରକୁ ଆସିଥିବା ୭-୮ଜଣ କୁଣିଆଁ ନିକଟସ୍ଥ ଠେଙ୍ଗୋ ଡ୍ୟାମକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉ ଥିବା ବେଳେ ଆସ୍ଥା ପାଣିରେ ବୁଡି ଯାଇଥିଲେ । ଖୋଜାଖୋଜି କରି ତାଙ୍କୁ ପାଣିରୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ବୀରମହାରାଜପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫଳରେ ପିଉସୀ ଘରେ ଅନ୍ନପ୍ରାସନ୍ନ ଉତ୍ସବ ଅଧାରେ ରହିଥିଲା। ମୃତ ନାବାଳିକାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି ।

## ଧରିତ୍ରୀ ଖବରଦାତାଙ୍କ ସ୍ତ୍ରୀଙ୍କ ପରଲୋକ

ଭବାନୀପାଟଣା,୧୭(ସ୍ୱ.ପ୍ର.)



କୁମାର ଦୋରାଙ୍କ ଫାଇଲ ଫଟୋ।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଧରିତ୍ରୀ ପ୍ରତିନିଧି ତୁମେଶ୍ୱର ସାହୁଙ୍କ ସ୍ତ୍ରୀ କୁମାରୀ ଦୋରା (୫୮)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବିଳମ୍ବିତ ରାତିରେ ସ୍ଥାନୀୟ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ଗତ କିଛିଦିନ ହେଲା ସେ ରକ୍ତଶ୍ରାବ, ଟ୍ୟୁମର ଓ କ୍ୟାନସର ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। କେସିଙ୍ଗା ବ୍ଲକ ମଶାଣିବନ୍ଧ ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ଭାବେ ସେ କାର୍ଯ୍ୟରତ ଥିଲେ। ବ୍ଲକର ଜଣେ ଏ ଗ୍ରେଡ ଅଙ୍ଗନୱାଡି କର୍ମୀ ସହ ପରୋପକାରୀ ମହିଳା ଭାବେ ମଧ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକ ସମୟରେ ସ୍ୱାମୀ ତୁମେଶ୍ୱର ସାହୁ, ପୁଅ ଲିଖିତ କୁମାର, ସାନଝିଅ ଜଜ୍ଞେଶ୍ୱରୀ ପ୍ରମୁଖ ଉପସ୍ଥିତ ଥିଲେ। ପୁଅ ଲିଖିତ କୁମାର ସାହୁ ମୁଖାଗ୍ନି ଦେଇଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ସିନାପାଲି,୧୭(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ହାଇସ୍କୁଲ ବରିଷ୍ଠ ଶିକ୍ଷକ ଚନ୍ଦ୍ରଶେଖର ନାଏକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରେମସିନ୍ଧୁ ହେର୍ଣ୍ଣା ଏବଂ ସମ୍ମାନିତ ଅତିଥି ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ତୁଳସୀରାମ ମେହେର,ପ୍ରଜେଶ ପାଣିଗ୍ରାହୀ, ଜୀବରଧନ ମାଝି, ମହେନ୍ଦ୍ର ନାଏକ ଉପସ୍ଥିତ ଥିଲେ। ନାଏକଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା।

# ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲା ବଲାଙ୍ଗୀର ବସ୍ ଟର୍ମିନାଲ

ବଲାଙ୍ଗୀର ଅଫିସ,୧୭




ଜିଲାପାଳ ଚଞ୍ଚଳ ରାଣା ବସ୍ ଟର୍ମିନାଲରୁ ଘରୋଇ ବସସେବାର ଶୁଭାରମ୍ଭ କରୁଛନ୍ତି।

**ଜିଲାପାଳ କଲେ ଘରୋଇ ଯାତ୍ରୀବାହୀ ବସ୍ ସେବାର ଶୁଭାରମ୍ଭ**

ବଲାଙ୍ଗୀରର ନୂତନ ବସ ଟର୍ମିନାଲ ଶୁକ୍ରବାରଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ଗତ ୨୪ ତାରିଖରେ ଏଠାରୁ କେବଳ ସରକାରୀ ବସସେବା ଆରମ୍ଭ ହୋଇଥିଲା। ଆଜି ଘରୋଇ ବସସେବାକୁ ଜିଲାପାଳ ଚଞ୍ଚଳ ରାଣା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ ମାସ ପୂର୍ବରୁ ଏହି ନୂତନ ବସ ଟର୍ମିନାଲର ଉଦ୍‌ଘାଟନ କରିଥିଲେ ମଧ ଅନେକ ଗୁରୁତ୍ୱପୂର୍ଣ୍ଣ କାମ ବାକି ରହିଥିବାରୁ ଏହା କାର୍ଯ୍ୟକ୍ଷମ ହୋଇ ନ ଥିଲା।

ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀରର ଅନେକ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ବିଶିଷ୍ଟ ବ୍ୟକ୍ତି, ଘରୋଇ ବସ ମାଲିକ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ଉପସ୍ଥିତ ଥିଲେ। ଘରୋଇ ବସ ମାଲିକ ସଂଘର ବସଗୁଡିକ ନୂତନ ବସଷ୍ଟାଣ୍ଡକୁ ସ୍ଥାନାନ୍ତର ହେବା ପରେ ବସ ଟର୍ମିନାଲ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଛି । ଏହାଫଳରେ ବଲାଙ୍ଗୀରବାସୀଙ୍କ ବହୁ ଦିନର ଦାବି ପୂରଣ ହେବା ସହ ସହରର ଟ୍ରାଫିକ ସମସ୍ୟା ଅନେକାଂଶରେ ହ୍ରାସ ପାଇବ ବୋଲି ଜିଲାପାଳ ରାଣା କହିଥିଲେ। ନୂଆ ବସଷ୍ଟାଣ୍ଡ ସହରର କେନ୍ଦ୍ରସ୍ଥଳରେ ଅବସ୍ଥିତ ନ ଥିବାରୁ ବସଯାତ୍ରୀମାନଙ୍କ ବସଷ୍ଟାଣ୍ଡକୁ ଯିବାଆସିବା ସହଜ ଏବଂ ଶସ୍ତା କରିବା ପାଇଁ ଜିଲାର ସମସ୍ତ ଘରୋଇ ବସ ବଲାଙ୍ଗୀର ସହର ଭିତରେ ସିଟି ସର୍ଭିସର ସୁବିଧା ଦେବେ ବୋଲି ସଂଘ ଘୋଷଣା କରିଥିବା ପ୍ୟାକେଜ ମଧ୍ୟ ସଂଘ କାର୍ଯ୍ୟକାରୀ କରିଛନ୍ତି। ଏହି ଘୋଷଣା ଅନୁଯାୟୀ ବଲାଙ୍ଗୀର ପୌରାଞ୍ଚଳର ଯେ କୌଣସି ବସଷ୍ଟପରୁ ଘରୋଇ ସମସ୍ତ ବସରେ ସର୍ବନିମ୍ନ ଭଡା ଦେଇ ଯାତ୍ରୀମାନେ ବସଷ୍ଟାଣ୍ଡକୁ ଯିବାଆସିବା କରିପାରିବେ । ଅନେକ ଅସୁବିଧା ଓ ବାଧାବିଘ୍ନ ସତ୍ତ୍ୱେ ନୂତନ ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରାଯାଇଛି ବୋଲି ଘରୋଇ ବସ ମାଲିକ ସଂଘ ସଭାପତି ହେମନ୍ତ ପଣ୍ଡା କହିଛନ୍ତି । ଆଜିର କାର୍ଯ୍ୟକ୍ରମରେ ବିଜେଡି ନେତା ଅର୍କେଶ ନାରାୟଣ ସିଂଦେଓ, ପୌରାଧକ୍ଷା ଲିକା ସାହୁ, ବ୍ଲକ ଅଧକ୍ଷ ଗୋଲାପ ବାଗ, ନାଗରିକ କମିଟି ସଭାପତି ବେଲାର ସିଂ ଭୋଇ, ସମ୍ପାଦକ ମନୋରଞ୍ଜନ ସାହୁ, ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ, ବ୍ୟବସାୟୀ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରହୀ, ବଲାଙ୍ଗୀର ଆକ୍ସନ କମିଟି ସଭାପତି ଗୋପାଲଜୀ ପାଣିଗ୍ରାହୀ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ, ଡ. ଶ୍ରୀକର ମିଶ୍ର, ନୀଳମଣି ମିଶ୍ର, ମନୋରଞ୍ଜନ ପୁରୋହିତ, ରତନ ମହାରଣା, ସୁରୁଲାଲ ମଟାରୀ, ଦିନେଶ ଶର୍ମା, ଲକ୍ଷ୍ମଣ ମେହେର, ବିଷ୍ଣୁ ପ୍ରସାଦ କେଡିଆ, ପ୍ରଭାକର ମିଶ୍ର, ଗୋପଭୂଷଣ ନାଥ, ଚାଇନା ମହାନ୍ତି, ଚାଷୀ ନେତା ଅରୁଣ ମିଶ୍ର, ଜୟରାମ ମିଶ୍ର, ବିନୋଦ କାଲସାଏ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ସିନାପାଲି

# ଭକ୍ତଙ୍କ ମେଳରେ ଭଗବାନ



ସୋନପୁର



ପାତାଳିଶ୍ରୀକ୍ଷେତ୍ର



ଭଟଲି

ବରଗଡ଼ ଅଫିସ୍,୧।୭

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ରଥଯାତ୍ରା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମୋଡ଼ିଶାର ଶ୍ରୀକ୍ଷେତ୍ର ଭାବେ ଅଭିହିତ ଶ୍ରୀ ଶ୍ରୀ ଦଧିବାମନ ଧାମ ଭଟଲିଠାରେ ଲକ୍ଷାଧିକ ଭକ୍ତଙ୍କ ଗହଣରେ ଏହା ଅନୁଷ୍ଠିତ ହୋଇଥିଲା। ଜଗତ୍ କର୍ତ୍ତା ମହାପ୍ରଭୁ ଶ୍ରୀ ଦଧିବାମନ ଶ୍ରୀ ମନ୍ଦିରସ୍ଥିତ ରତ୍ନ ସିଂହାସନ ଛାଡ଼ି ରଥାରଢ଼ ହୋଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ସେହିପରି ବରଗଡ଼ କଲେଜ ରୋଡ଼ ଦେଇ ସ୍ଥାନୀୟ ଶ୍ୟାମାକାଳୀ ମନ୍ଦିର ପର୍ଯ୍ୟନ୍ତ ଭକ୍ତମାନେ ରଥ ଟାଣି ଆଣିଥିଲେ। ନୃସିଂହନାଥରେ ମଧ୍ୟ ମହାପ୍ରଭୁଙ୍କ ରଥଯାତ୍ରା ହୋଇଥିଲା। ଜିଲାର ଅନ୍ୟ ବ୍ଲକ ଅଞ୍ଚଳରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି।

**ଲୋଇସିଂହା,(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା,ଯୋଗୀସର୍ଡା, ଲୋଇସିଂହା ଓ ଭାଲିଆମୁଣ୍ଡା ଗ୍ରାମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସମସ୍ତ ସ୍ଥାନରେ ସକାଳେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ହୋଇଥିଲା। ଅପରାହ୍ନରେ ମନ୍ଦିର ପୂଜକ, ଗ୍ରାମ୍ୟ କମିଟି, ଗ୍ରାମବାସୀ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଛେରାପହଁରା କରି ମହାପ୍ରଭୁଙ୍କୁ ରଥାରୂଢ଼ କରିବା ପରେ ରଥାଟଣା ହୋଇଥିଲା।

**ଦେଓଗାଁ,(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ଗ୍ରାମରେ ରଥଯାତ୍ରା ପାଳିତ ହୋଇଯାଇଛି। କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ମୁରସିଂହ ଗ୍ରାମର ଅଭିନବ ଶ୍ରୀକ୍ଷେତ୍ର ସ୍ୱର୍ଣ୍ଣଗଡରେ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଯାତ୍ରାରେ ଦେଓଗାଁ ତହସିଲଦାର ଯୁଗଲ କିଶୋର ବିଶ୍ୱାଲ ଛେରା ପହଁରା କରିଥିଲେ। ସେହିପରି କରୁଆଁଝରଠାରେ ରାଜ ପ୍ରତାପ ସିଂଦେଓ ଛେରା ପହଁରା କରିଥିଲେ। ଏହାଛଡା ଅଞ୍ଚଳର କୁତୁର୍ଲା, ବଡବନ୍ଧ, ସିଆଲବାହାଲି, ମହଲେଇ, ଦେଓଗାଁ, ସାଲେପାଲି, ଜରାସିଂହା, ଉପରଝର, ଅର୍ଡା, ରତାଖଣ୍ଡି, ଗୌରଗୋଠ ଆଦି ଗାଁରେ ଭକ୍ତମାନେ ରଥ ଟାଣିଛନ୍ତି ।



ଟିନିକା

**ତୁଣ୍ଡଲା,(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ପଞ୍ଚାୟତ ସଦରଠାରେ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ପଞ୍ଚାୟତ ସରପଞ୍ଚ ପ୍ରମୋଦ କୁମାର ଦାଶ ଏବଂ ସମସ୍ତ ଗ୍ରାମବାସୀଙ୍କ ଉଦ୍ୟମରେ ଯାତ୍ରା ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପଲମ ଫାଣ୍ଡି ପୋଲିସ ମୁତୟନ ହୋଇଥିଲା। ସେହିପରି ତୁଣ୍ଡଲା, ହାତୀଖୋଜ ବେଲଖଣ୍ଡି, କାଣ୍ଡୁପଡ଼ାରେ ମଧ ସମାରୋହରେ ରଥଯାତ୍ରା ପାଳିତ ହୋଇଯାଇଛି।

**କୋକସରା,(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକର ବିଭିନ୍ନ ସ୍ଥାନରେ ଘୋଷଯାତ୍ରା ଶୁକ୍ରବାର ଶାନ୍ତି ଶୃଙ୍ଖଳା ସହ ସମାପନ ହୋଇଛି। ବ୍ଲକର ବଡ଼ପୋଡାଗୁଡା, ଆମପାଣି, ସିଉନୀ, କାଉଡୋଲା, ଗୋତମୁଣ୍ଡା, ଲଡୁଗାଁ, ଟେମରା, ମୋଟେର, ଡଙ୍ଗରୀଗୁଡା, ଛିଲିପାମାଲ, କେନ୍ଦୁଡଙ୍ଗରୀ, କାଶୀବାହାଲ, କୋକସରା ଆଦି ସ୍ଥାନରେ ଘୋଷଯାତ୍ରା ପାଳିତ ହୋଇଛି।

**ଖଡ଼ିଆଳ (ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳଠାରେ ରଥଯାତ୍ରା ପାଳିତ ହୋଇଯାଇଛି। ତିନି ଠାକୁର ରଥରେ ବିଜେ କରି ମାଉସୀ ମା'ଙ୍କ ଘରକୁ ଆସିଥିଲେ। ଖଡ଼ିଆଳ ଯୁବରାଜ ଦେବେବ ସିଂଦେଓ ଛେରାପହଁରା କରିଥିଲେ। ପରେ ୩ଟି ରଥରେ ବିଜେ ହୋଇ ହଜାର ହଜାର ଭକ୍ତଙ୍କ ଗହଣରେ ମାଉସୀ ଘରକୁ ଆସିଥିଲେ।

**ସିନାପାଲି,(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲିରେ ଅନୁଷ୍ଠିତ ରଥଯାତ୍ରାରେ ଆଖପାଖ ତଥା ପଡୋଶୀ ଛତିଶଗଡ଼ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଶୁକ୍ରବାର ଭୋରରୁ ରୀତିନୀତି ଅନୁଯାୟୀ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାପାଠ ଆରମ୍ଭ ହୋଇଥିଲା। ଅପରାହ୍ନରେ ଶ୍ରୀଜିଉଙ୍କ ପହଣ୍ଡି ବିଜେ ପରେ ମନ୍ଦିର ପରିଚାଳନା କମିଟି ସଭାପତି ବୈଶମ୍ପାୟନ ମେହେରଙ୍କ ଦ୍ୱାରା ତିନି ରଥରେ ଛେରାପହଁରା କରାଯାଇ ରଥଟଣା ଆରମ୍ଭ ହୋଇଥିଲା। ଏହି ବ୍ଲକ ଅନ୍ତର୍ଗତ ହାତୀବନ୍ଧା, କେନ୍ଦୁମୁଣ୍ଡା, ବ୍ରାହ୍ମଣପ ପତିଏଲପ ଚଳନା, ଗୋର୍ଲା, ସାଗୁନଭା ଟିମନପୁର, ଜାମଗାଁ, ଅରସାପ ଗଣ୍ଡାବାହାଲି, ବରଗାଁ, ଗମ୍ଭାରିଗୁ ସିଙ୍ଗଝର ଆଦି ଗ୍ରାମରେ ମଧ ଧୁମଧାମରେ ରଥଯାତ୍ରା ସମ୍ପନ୍ନ ହୋଇଛି।

**ବୌଦ୍ଧ,(ସ୍ୱ.ପ୍ର.):** ରଥଯାତ୍ରା ପାଇଁ ପ୍ରଭୂଙ୍କ ପହଣ୍ଡି ଓ ରଥଟଣା ସମୟରେ ଗେହ୍ଲାମା କଳାନିକେତନର କଳାକାରମାନଙ୍କ ପକ୍ଷରୁ ମାହାରି ନୃତ୍ୟ ପରିବେଷଣ ହୋଇଥିଲା। ତିନି ଠାକୁର ରଥକୁ ଚଢିବା ପରେ ଛୋଟ ଛୋଟ ଛୁଆଙ୍କୁ ରଥ ଉପରେ ପ୍ରଭୂଙ୍କୁ ପାଖରେ ରଥ ଛୁଆଁଇଥିଲେ। ସେହିପରି ସହରର ପୋଡା ପୋଡା ହରିଗୁଡି ଜଗନ୍ନାଥଙ୍କ ରଥଟଣା ହୋଇଥିଲା। ରଥଯାତ୍ରାରେ ଏକ ବିଶେଷତ୍ୱ ହେଲା ଏହି ରଥକୁ କେବଳ ମହିଳା ଭକ୍ତମାନେ ଟାଣନ୍ତି। ପୁରୁଣାକଟକ, ଠିଡିକାଯୋର, ହରଭଙ୍ଗା, କୁଶଙ୍ଗ, ମନମୁଣ୍ଡା, କଣ୍ଟାମାଳ ଓ ପୁରପଲ୍ଲୀରେ ମଧ୍ୟ ରଥଯାତ୍ରା ପାଳିତ ହୋଇଛି।

**ସୋନପୁର/ଉଲୁଣ୍ଡା(ନି.ପ୍ର./ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପାତାଳି ଶ୍ରୀକ୍ଷେତ୍ରରେ ଶୁକ୍ରବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଧି ମୁତାବକ ପୂଜାର୍ଚ୍ଚନା ସହ ରଥ ପ୍ରତିଷ୍ଠା ପରେ ସୁଦର୍ଶନ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥ ଧାଡି ପହଣ୍ଡିରେ ରଥକୁ ବିଜେ କରିଥିଲେ। କ୍ଷେମାଲୋଏର ଗୌନ୍ତିଆ ମିତ୍ରଭାନୁ ମହାକୁର ଓ ରେଡମର ଗୌନ୍ତିଆ ନରସିଂହ ପଧାନ ପହଣ୍ଡିରେ ଛେରା ପହଁରା କରିଥିଲେ। ସେହିପରି କୋଟସମଲାଇର ଗଡତ୍ୟା ଚମରା ଅମାତ ରଥରେ ଛେରା ପହଁରା କରିଥିଲେ। ଭକ୍ତମାନେ ରଥକୁ ଟାଣି ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ନେଇଥିଲେ।

**ଅମରପାର୍ଲି (ଡି.ଏନ.ଏ.):** ବୀରମହାରାଜପୁର ସଦର ସମେତ ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳିତ ହୋଇଯାଇଛି। ବୀରମହାରାଜପୁର ଜଗନ୍ନାଥମନ୍ଦିରରେ ସକାଳୁ ନୀତିକାନ୍ତି ସମାପନ ପରେ ୩ ଠାକୁରଙ୍କୁ ଗମ୍ଭିରାଘରୁ ଗୋଟି ପହଣ୍ଡିରେ ଅଣାଯାଇ ରଥାରୁଢ କରାଯାଇଥିଲା। ପରେ ଛେରାପହଁରା କରାଯାଇ ରଥଟଣା ଯାଇଥିଲା। ସେହିପରି ସୁବଳୟା, ବଡଖମାର, ଲୁଡୁରପଙ୍ଗ, ବହଲପଦର,ବଡବର୍ଡାକଟା, ଖଇରମାଲ, କେନ୍ଦୁପାଲି, ମାଣିକପୁର, ମୁର୍ଷୁଣ୍ଡୀ ଆଦି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଛି।

**ବଲାଙ୍ଗୀର ଅଫିସ:** କୋଭିଡ ମହାମାରୀ କାରଣରୁ ଗତ ଦୁଇବର୍ଷ ହେଲା ରଥଯାତ୍ରାରେ ରଥଟଣା ବନ୍ଦ ହୋଇ ରହିଥିଲା। ଅପରାହ୍ଣ ପ୍ରାୟ ସାଢ଼େ ୪ଟା ସମୟରେ ବଲାଙ୍ଗୀର ଗୋପାଳଜୀ ମନ୍ଦିରର ତିନି ଠାକୁରଙ୍କ ରଥାରୂଢ଼ କରି ଟଣାଯାଇଥିଲା। କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା, ଜିଲା ଜଜ୍ ଲୋକନାଥ ମହାପାତ୍ର, ଏସପି ନିତିନ କୁଶଲକର, ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ମହେନ୍ଦ୍ର ମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ବିଜେଡି ନେତା ଅର୍କେଶ ନାରାୟଣ ସିଂଦେଓ ଉପସ୍ଥିତ ଥିଲେ। ସହରର ଅନ୍ୟତମ ପ୍ରସିଦ୍ଧ ଜଗନ୍ନାଥପଡା ରଥ, ସାହାଣୀ ରଥ ଟଣା ଯାଇଥିଲା। ଜଗନ୍ନାଥପଡା ମନ୍ଦିରରୁ ଟିକ୍ରାପଡା ଛକ ଗାନ୍ଧୀ ପାଠାଗାରକୁ ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ। ଏହାବାଦ୍ ଚାନ୍ଦ ମନ୍ଦିର ରଥ, ତେଲିଗୋଠପଡା–ଟିକ୍ରାପଡା ରଥ ଟଣାଯାଇଥିଲା।



ନୃସିଂହନାଥ



ବୌଦ୍ଧ



ଟୁଲୁଣ୍ଡା



ଲୋଇସିଂହା



ବରଗଡ଼



ଅମରପାଲି



କୋକସରା



ବଲାଙ୍ଗୀର